# ସତ୍ୟପ୍ରକାଶ

# VOICE OF TRUTH

**SEPTEMBER - OCTOBER 2002**



AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# THE VOICE OF TRUTH


## CHURCH OF CHRIST

P.O. BOX.NO.80, KAKINADA,
A.P. - 533 001.
PH: 0884-363722



**Vol. 7. September & October - 2002**

**(No. 9 - 10)**

**Published every two months in Oriya Language for the Restoration of pure New Testament Christianity**



Free!    Free!!    Free!!!

Study the Bible in the quiet of your own home. Enroll yourself in the **BASIC BIBLE COURSE** in Oriya language. Complete the Course and obtain a copy of Oriya Holy Bible absolutely free! Send your address today to:

THE DIRECTOR
**BIBLE CORRESPONDENCE COURSE**
P.O. BOX.NO.80, KAKINADA - 533 001.

ସତ୍ୟବାଣୀ
VOICE OF TRUTH
VOL - VII KAKINADA SEP.-OCT.

# ବାଇବଲକୁ କାହିଁକି ଆପଣ ଈଶ୍ୱରଙ୍କ ବାକ୍ୟରୂପେ ବିଶ୍ୱାସ କରିବା ଉଚିତ

## (Why you should believe the Bible to be the word of God)

ଜଗତର ଅଗଣିତ ନରନାରୀ ବାଇବଲକୁ ଈଶ୍ୱରଙ୍କ ବାକ୍ୟରୂପେ ବିଶ୍ୱାସ କରନ୍ତି । ସେମାନେ ବିନା ପ୍ରଶ୍ନରେ ଏହା ସତ୍ୟ ବୋଲି ଗ୍ରହଣ କରନ୍ତି । କିନ୍ତୁ କେତେକ ଏଥିରେ ଲିଖିତ ବାକ୍ୟ ଅନୁସନ୍ଧାନ ନ କରି, ସେଥିର ଫଳ ନ ପାଇବା ହେତୁର, ସନ୍ଦେହ କରିଥାନ୍ତି । ଅନ୍ୟମାନେ ଜନ୍ମରୁ ଅନ୍ୟ ଏକ ମାର୍ଗରେ ଚାଲୁଥିବାରୁ ଏହାକୁ ଅସ୍ୱୀକାର କରନ୍ତି । ଆପଣ ଯଦି ଉପର ଲିଖିତ ତିନି ଶ୍ରେଣୀରୁ ଶେଷ ଦୁଇ ଶ୍ରେଣୀ ମଧ୍ୟରୁ କୌଣସି ଏକ ଶ୍ରେଣୀରେ ଅନ୍ତର୍ଭୁକ୍ତ, ତାହାହେଲେ ଆପଣ କାହିଁକି ବାଇବଲକୁ ଈଶ୍ୱରଙ୍କ ବାକ୍ୟ ରୂପେ ବିଶ୍ୱାସ କରିବା ଉଚିତ କେତୋଟି କାରଣ ଏଠାରେ ସଂକ୍ଷିପ୍ତ ରୂପେ ବର୍ଣ୍ଣନା କରାଯାଇଅଛି ।

୧. ବାଇବଲ ଏହା ଈଶ୍ୱରଙ୍କ ବାକ୍ୟ ବୋଲି ଦାବୀ କରେ । ଏହା ସଦାପ୍ରଭୁଙ୍କ ବାକ୍ୟ ବୋଲି କୁହାଯାଏ । (ଯିରି ୧୪:୧) । ପ୍ରେରିତ ପିତରଙ୍କ ଅନୁଯାୟୀ ଈଶ୍ୱରଙ୍କ ପବିତ୍ର ଲୋକେ ପବିତ୍ର ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ କଥା କହିଥିଲେ । (୨ୟ ପିତ ୧:୨୦-୨୧) । ଖ୍ରୀଷ୍ଟ ପୁରାତନ ନିୟମରେ ଲିଖିତ ବାକ୍ୟଗୁଡ଼ିକ ଈଶ୍ୱରଙ୍କ ବାକ୍ୟ ବୋଲି ଆପଣା ଉପଦେଶମାନଙ୍କରେ ଉଲ୍ଲେଖ କରୁଥିଲେ । ଶେଷରେ ସମସ୍ତ ଶାସ୍ତ୍ର ଈଶ୍ୱର ନିଶ୍ୱସିତ ବୋଲି ପ୍ରେରିତ ପାଉଲ ୨ୟ ତୀମଥି ୩:୧୬-୧୭ରେ ଲେଖନ୍ତି ।

୨. ବାଇବଲ ବିଜ୍ଞାନଶାସ୍ତ୍ର ସହିତ ଏକମତ ହୁଏ । ପୃଥିବୀର ଆକୃତି ଗୋଲାକାର, ସମୁଦ୍ରରେ ଯେ ରାସ୍ତାଗୁଡ଼ିକ ରହିଅଛି ଏପରି ଅନେକ ସତ୍ୟତା ମନୁଷ୍ୟ ଆପେ ଆପେ ଆବିଷ୍କାର କରିବା ପୂର୍ବରୁ ବାଇବଲରେ ଲିଖିତ ହୋଇଅଛି । (ଯିଶା ୪୦:୨୨, ଗୀତ ସଂ ୮ ପର୍ବ) ବାଇବଲରେ ଲେଖକମାନେ ବିଜ୍ଞାନ ଆବିଷ୍କାରର ଏତେ ବର୍ଷ ପୂର୍ବେ କିପରି ଜାଣି ପାରିଲେ ? ଈଶ୍ୱର ସେମାନଙ୍କୁ ପ୍ରକଟ କରିଥିଲେ ।

୩. ପ୍ରତ୍ନତତ୍ତ୍ୱ ସମ୍ବନ୍ଧୀୟ ଆବିଷ୍କାରଗୁଡ଼ିକ ବାଇବଲ ସମର୍ଥନ କରେ । ଏହି ଆବିଷ୍କାରଗୁଡ଼ିକ ଖ୍ରୀଷ୍ଟଙ୍କ ଜନ୍ମର ସହସ୍ର ବର୍ଷ ପୂର୍ବ ବିଷୟ ହେଲେ ହେଁ ଏହା ବାଇବଲର ଦାବୀ ସମର୍ଥନ କରେ । କେତେକ ବାଇବଲରେ ଲିଖିତ ନୋହଙ୍କ ସମୟରେ ଘଟିଥିବା ମହା ବନ୍ୟାରୂପକ କାହାଣୀ ଗୁଡ଼ିକରେ ବିଶ୍ୱାସ କରନ୍ତି ନାହିଁ। କିନ୍ତୁ ୧୮୭୨ରେ ଜର୍ଜ ସ୍ମିଥ (George Smith) ପାଇଥିବା ବାବିଲର ପଥର ଫଳକ ଘଟିଥିବା ମହାବନ୍ୟାର ସାକ୍ଷ୍ୟ ଦିଏ । ଏହିପରି ଅନେକ ଉଦାହରଣ ଆମ୍ଭେମାନେ ପାଇପାରିବା ।

୪. ବାଇବଲ ଓ ଭୌଗଳିକ ଶାସ୍ତ୍ର ମଧ୍ୟ ପରସ୍ପର ଏକମତ ଅଟନ୍ତି । ଅନେକ ପାହାଡ଼, ନଦନଦୀ, ପ୍ରଭୃତି ବାଇବଲରେ ଯେଉଁ ନାମରେ ବର୍ଣ୍ଣିତ ଏବେ ପର୍ଯ୍ୟନ୍ତ ସେଗୁଡ଼ିକ ସେହି ନାମରେ ପରିଚିତ । ତଦ୍ୱାରା ଏହା ପ୍ରମାଣିତ ହୁଏ ଯେ, ବାଇବଲରେ ବର୍ଣ୍ଣିତ ନାମଗୁଡ଼ିକ କାଳ୍ପନିକ ନୁହେଁ ।

୫. ବାଇବଲ ଓ ଜାଗତିକ ଇତିହାସ ଏକ ଆରେକ ସମର୍ଥନ କରେ । ଉଦାହରଣ ସ୍ୱରୂପ ବାଇବଲରେ ଅନେକ ଘଟଣା ଗୁଡ଼ିକ ବିଭିନ୍ନ ଜାଗତିକ ଇତିହାସ ପୁସ୍ତକ ଗୁଡ଼ିକରେ ପଢ଼ିବାକୁ ପାଉଁ । ଯଦି ବାଇବଲ କେବଳ କାଳ୍ପନିକ କାହାଣୀମାଳା ହୋଇଥାନ୍ତା, ତାହା ହେଲେ ଏପରି କିପରି ସମ୍ଭବ ହୁଅନ୍ତା ?

୬. ଏଥିରେ ଲିଖିତ ବିଷୟଗୁଡ଼ିକ ମନୁଷ୍ୟର ଜ୍ଞାନର ବାହାରେ ତେଣୁ ଏହା କେବଳ ମନୁଷ୍ୟମାନଙ୍କ ଦ୍ୱାରା ଲିଖିତ ହୋଇନାହିଁ । ଯଦି ଏହା କେବଳ ମନୁଷ୍ୟମାନଙ୍କ ଦ୍ୱାରା ଲିଖିତ ହୋଇଥାନ୍ତା ତେବେ ଏପରି ଅନେକ ପୁସ୍ତକ ମନୁଷ୍ୟମାନେ ଲେଖିଥାନ୍ତେ । ଏହା ଯଦି କେବଳ ଜଣେ ମନୁଷ୍ୟ ଦ୍ୱାରା ଲିଖିତ ତେବେ ଅନ୍ୟ ଜଣେ ମନୁଷ୍ୟ ଏହି ପୁସ୍ତକ ଠାରୁ ଉତ୍କୃଷ୍ଟତର ପୁସ୍ତକ କ'ଣ ଏବେ ଯାଏ ଲେଖିପାରିନଥାନ୍ତା ?

୭. ବାଇବଲ ଗୋଟିଏ ଏକଭାବ ବିଶିଷ୍ଟ ପୁସ୍ତକ । ବିଭିନ୍ନ ବୃତ୍ତିର ବିଭିନ୍ନ ସ୍ଥାନରେ ଥିବା ଚାଳିଶି ଲୋକଙ୍କ ଦ୍ୱାରା ପ୍ରାୟ ୧୬୦୦ ବର୍ଷ ସମୟ ମଧ୍ୟରେ ଲିଖିତ ହେଲେ ହେଁ ଏହା ଏକ ସମ୍ପୂର୍ଣ୍ଣ ପୁସ୍ତକ । ଏଥିର ଲେଖନ ଈଶ୍ୱରଙ୍କ ଦ୍ୱାରା ଚାଳିତ ନ ହୋଇଥିଲେ ଏପରି କିପରି ସମ୍ଭବ ହୋଇ ପାରିଥାନ୍ତା ?

୮. ବାଇବଲରେ କେବଳ ଭାବବାଣୀଗୁଡ଼ିକ ବିଷୟରେ ଲିଖିତ ନ ହୋଇ ତାହା କିପରି ସଫଳ ହୋଇଥିଲା ତାହା ମଧ୍ୟ ଲିଖିତ ହୋଇଅଛି । ଉଦାହରଣ ସ୍ୱରୂପ (ଯୋୟେ ୨:୨୮) ରେ ଈଶ୍ୱରଙ୍କ ଆତ୍ମା ଢ଼ଳାଯିବ ବୋଲି ଭବିଷ୍ୟତବାଣୀ ପଢ଼ିପାରୁ । ପ୍ରେରିତ ୨ୟ ଅଧ୍ୟାୟ ଅଧ୍ୟୟନ ଦ୍ୱାରା ଆମ୍ଭେମାନେ ଏହାର ସଫଳତା ବିଷୟରେ ଜାଣିପାରିବା । ସେହିପରି ଖ୍ରୀଷ୍ଟଙ୍କ ବିଷୟରେ ସଫଳତା ଆମ୍ଭେମାନେ ନୂତନ ନିୟମରେ ପଢ଼ିବାକୁ ପାଇପାରୁ । ଦୟାକରି ଯିଶା ୫୩:୫ ଲୂକ ୨୨:୬୩.୬୪ ପଢ଼ନ୍ତୁ ।।

୯. ଏହା ସମୟ ସ୍ରୋତର ସମସ୍ତ ବାଧାକୁ ଜୟ କରିଥିବାରୁ ଏହା ଈଶ୍ୱରଙ୍କ ବାକ୍ୟ ବୋଲି ନିରୂପିତ ହୁଏ । ଏହାର ଅନେକ ଶତ୍ରୁ ଥିଲେହେଁ ଏହା ସମସ୍ତଙ୍କୁ ଜୟ କରିଅଛି । ଅନେକ ଶତାବ୍ଦୀ ଠାରୁ ଏହା ସୁରକ୍ଷିତ ହୋଇ ଆସୁଅଛି । ପ୍ରାଚୀନ ପାଣ୍ଡୁଲିପି ଓ ଆଧୁନିକ ଅନୁବାଦ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ ।

୧୦. ବାଇବଲରେ ମନୁଷ୍ୟର ପ୍ରତ୍ୟେକ ପ୍ରଶ୍ନର ଉତ୍ତର ମିଳିଥାଏ । ମନୁଷ୍ୟର ସୃଷ୍ଟି, ମନୁଷ୍ୟ ଜୀବନର ଉଦ୍ଦେଶ୍ୟ, ମନୁଷ୍ୟ କେଉଁଆଡ଼େ ଯାଉଅଛି, ଏପରି ଅନେକ ପ୍ରଶ୍ନର ଉତ୍ତର ଆମ୍ଭେମାନେ ବାଇବଲରେ ପାଇପାରୁ । ମନୁଷ୍ୟ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ (ଆଦି ୧:୨୬-୨୭), ସୃଷ୍ଟିକର୍ତ୍ତାଙ୍କୁ ଗୌରବ ଦେବା ମନୁଷ୍ୟ ଜୀବନର ଉଦ୍ଦେଶ୍ୟ (ପ୍ରେରିତ ୪:୧୧) ଏବଂ ମନୁଷ୍ୟ କୌଣସି ସ୍ଥାନରେ ଆପଣା ଅନନ୍ତ ଜୀବନ ବିତାଇବ (ମାଥିଉ ୨୫:୪୬)

୧୧. ବାଇବଲ ଅନ୍ୟ ପୁସ୍ତକ ଗୁଡ଼ିକ ଠାରୁ ମନୁଷ୍ୟମାନଙ୍କୁ ଅଧିକଭାବେ ପ୍ରଭାବିତ କରିଅଛି । ଜଗତ ଅତ୍ୟନ୍ତ ପାପମୟ ହେଲେ ସୁଦ୍ଧା ବାଇବଲ ଦ୍ୱାରା ମନୁଷ୍ୟ ଧାର୍ମିକ ହେବାର ସମ୍ଭାବନା ରହିଅଛି ।

୧୨. ବାଇବଲ କେବେ ଲୋପ ପାଇବ ନାହିଁ । ବୋଲି ଖ୍ରୀଷ୍ଟ (ଯୋହ ୧୨:୪୮)ରେ କହିଅଛନ୍ତି ।

ପ୍ରକୃତରେ ବାଇବଲ ଈଶ୍ୱରଙ୍କ ବାକ୍ୟ ଅଟେ । ଏହା ମନୁଷ୍ୟ ନିମନ୍ତେ ଈଶ୍ୱରଙ୍କ ଠାରୁ ଆଗତ । ଏହା ସତ୍ୟ ଓ ପୃଥିବୀ ଠାରୁ ସ୍ୱର୍ଗକୁ ଯିବା ପାଇଁ ଏକ ପଥ ପ୍ରଦର୍ଶକ । ବାଇବଲକୁ ବିଶ୍ୱାସ କର, ଏଥିରେ ଲିଖିତ ବାକ୍ୟର ଆଜ୍ଞାବହ ହୁଅ ଏବଂ ଏଥିରେ ଲିଖିତ ସମସ୍ତ ପ୍ରତିଜ୍ଞା ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହୁଅ । ନିଶ୍ଚୟ ବର୍ତ୍ତମାନ ଆପଣ ବାଇବଲକୁ ଈଶ୍ୱରଙ୍କ ବାକ୍ୟ ବୋଲି ଗ୍ରହଣ କରିବେ ବୋଲି ମୋର ବିଶ୍ୱାସ ।

**- J.C. Chaote**

# ପ୍ରାର୍ଥନା

ବାଇବଲ ଦ୍ୱାରା ପରମେଶ୍ୱର ଆମ୍ଭମାନଙ୍କ ସହିତ କଥା କହନ୍ତି । ପ୍ରାର୍ଥନା ଦ୍ୱାରା ଆମ୍ଭେମାନେ ପରମେଶ୍ୱରଙ୍କ ସହିତ କଥା କହୁ । ପ୍ରାର୍ଥନା ଦ୍ୱାରା ଆମ୍ଭମାନଙ୍କ ହୃଦୟର ଭାବନା ପରମେଶ୍ୱରଙ୍କୁ ଜଣାଇ ଥାଉଁ । ଆମ୍ଭମାନଙ୍କ ସତ୍‌କ୍ରିୟା ସକଳ ସତ୍ତ୍ୱେ ଓ ନିରନ୍ତର ବାକ୍ୟଧ୍ୟାନ ସତ୍ତ୍ୱେ ଆମ୍ଭମାନଙ୍କୁ ପରମେଶ୍ୱରଙ୍କ ଯତ୍ନ ଓ ସୁରକ୍ଷତାର ଆବଶ୍ୟକତା ରହିଥାଏ । ପ୍ରେରିତ ପାଉଲ କହନ୍ତି, ''ନିରନ୍ତର ପ୍ରାର୍ଥନା କର ।'' (୧ମ ଥେସଲନୀକୀ ୫:୧୭) ପ୍ରାର୍ଥନା ବିଷୟରେ ଆମ୍ଭମାନଙ୍କ କେତୋଟି ବିଷୟ ଜାଣିବା ଅତ୍ୟାବଶ୍ୟକ ।

କିଏ ପ୍ରାର୍ଥନା କରନ୍ତି ? ପରମେଶ୍ୱରଙ୍କ ସନ୍ତାନମାନେ ହିଁ ପରମେଶ୍ୱରଙ୍କ ସନ୍ତାନମାନେ ହିଁ ପରମେଶ୍ୱରଙ୍କ ଠାରେ ପ୍ରାର୍ଥନା କରିବାର ସୁଯୋଗ ପାଇଥାନ୍ତି ! (୧ମ ପିତର ୩:୧୨, ଯାକୁବ ୫:୧୬) ଯେଉଁମାନେ ଖ୍ରୀଷ୍ଟଙ୍କ ଠାରେ ରହନ୍ତି ସେମାନେ ଖ୍ରୀଷ୍ଟଙ୍କ ଦ୍ୱାରା ପରମେଶ୍ୱରଙ୍କୁ ପ୍ରାର୍ଥନା କରନ୍ତି । ପାପୀମାନଙ୍କ ପ୍ରାର୍ଥନା କି ପରମେଶ୍ୱର ଶୁଣନ୍ତି ନାହିଁ ? ଶୁଣନ୍ତି, କିନ୍ତୁ ଜବାବ ଦିଅନ୍ତି ନାହିଁ । ଯେଉଁମାନେ ସତ୍ୟାନ୍ୱେଷୀ ସେମାନଙ୍କୁ ସତ୍ୟ ପାଇବାରେ ସାହାଯ୍ୟ କରନ୍ତି । (ଯୋହନ ୭:୧୭) ଉଦାହରଣ :- କର୍ଣ୍ଣଲୀୟ ଖ୍ରୀଷ୍ଟିୟାନ ନଥିଲେ କିନ୍ତୁ ସେ ଜଣେ ଧାର୍ମିକ ଓ ଦାନଶୀଳ ଓ ପରୋପକାରୀ ବିଜାତୀୟ ଥିଲେ । ସେ ପରିତ୍ରାଣ ପାଇବାକୁ ଇଚ୍ଛା କରୁଥିବାରୁ ପରମେଶ୍ୱର ପିତରଙ୍କୁ ତାହାଙ୍କ ନିକଟକୁ ପ୍ରେରଣ କରିଥିଲେ । (ପ୍ରେରିତ ୧୦:୧-୧୧, ୧୮)

ଆମ୍ଭେମାନେ କାହିଁକି ପ୍ରାର୍ଥନା କରିବା ଆବଶ୍ୟକ ? ପ୍ରାର୍ଥନା ଦ୍ୱାରା ଆମ୍ଭେମାନେ ପରମେଶ୍ୱରଙ୍କ ସହଭାଗିତା ଅନୁଭବ କରୁ । (ପ୍ରେରିତ ୨:୪୨) ଆମ୍ଭମାନଙ୍କ ଆବଶ୍ୟକୀୟ ବିଷୟ ତାହାଙ୍କୁ ଜଣାଇ ଥାଉଁ । (ଏବ୍ରୀ ୪:୧୬) । ସର୍ବଦା ପ୍ରାର୍ଥନା କରିବା ନିମନ୍ତେ ଆମ୍ଭେମାନେ ଆଜ୍ଞାପିତ ହୋଇଅଛୁ । (୧ମ ତୀମଥି ୨:୮, ଲୂକ ୧୮:୧) । ପରମେଶ୍ୱରଙ୍କ ଅପାର ଆଶୀଷ ସକଳ ନିମନ୍ତେ ଆମ୍ଭେମାନେ ପ୍ରାର୍ଥନା ଦ୍ୱାରା ଧନ୍ୟବାଦ ଅର୍ପଣ କରୁ । (ଯାକୁବ ୧:୧୭)

ଆମ୍ଭେମାନେ କେଉଁଠାରେ ପ୍ରାର୍ଥନା କରିବା ଆବଶ୍ୟକ ? କେବଳ ଗୀର୍ଜାରେ କି ଆମ୍ଭେମାନେ ପ୍ରାର୍ଥନା କରୁ ? ଆମ୍ଭେମାନେ ସବୁ ସମୟରେ ସବୁ ସ୍ଥାନରେ ପ୍ରାର୍ଥନା କରୁ । ପାଉଲ ଓ ଶୀଲା କାରାଗାରରେ ପ୍ରାର୍ଥନା କରିଥିଲେ (ପ୍ରେରିତ ୧୬:୨୫) । ଯୁନୁସ ଏକ ବିରାଟ ମତ୍ସ୍ୟ ଉଦରରୁ ପ୍ରାର୍ଥନା କରିଥିଲେ । (ଯୁନୁସ ୨:୧) ଦାନିଏଲ ଏକ ଉନ୍ମୁକ୍ତ ଝରକା ଆଡ଼େ ମୁହଁ କରି ପ୍ରାର୍ଥନା କରୁଥିଲେ । (ଦାନିୟେଲ୍ ୬:୧୦) ହାନ୍ନା, ସମାଗମ ତମ୍ବୁରେ ପ୍ରାର୍ଥନା କରିଥିଲେ । (୧ମ ଶାମୁୟେଲ ୧:୯-୧୮) ଯୀଶୁଖ୍ରୀଷ୍ଟ ଏକ ଉଦ୍ୟାନରେ ପ୍ରାର୍ଥନା କରିଥିଲେ (ଲୂକ ୨୨:୩୯-୪୧) । ଆରାଧନା ନିମନ୍ତେ ଏକତ୍ରିତ ମଣ୍ଡଳୀ ପ୍ରାର୍ଥନା କରୁଥିଲେ । (ପ୍ରେରିତ ୨:୪୨, ୧୨:୫) । ଆମ୍ଭେମାନେ କେଉଁ ସମୟରେ ପ୍ରାର୍ଥନା କରିବା ଆବଶ୍ୟକ ? ଖାଇବା ସମୟ ଓ ଶୋଇବା ସମୟରେ କି ପ୍ରାର୍ଥନାର ଉପଯୁକ୍ତ ସମୟ ? ନୁହେଁ, ଆମ୍ଭେମାନେ ଯେକୌଣସି ସମୟରେ ମଧ୍ୟ ଈଶ୍ୱରଙ୍କୁ ପ୍ରାର୍ଥନା କରିପାରୁ । ପାଉଲଙ୍କ ଅନୁଯାୟୀ ଆମ୍ଭେମାନେ ନିରନ୍ତର ପ୍ରାର୍ଥନା କରିବା ଆବଶ୍ୟକ । (୧ମ ଥେସ ୫:୧୭) । ନିରନ୍ତର ମସ୍ତକନତ କରି ଆଖିବୁଜି ତ' ଆମ୍ଭେମାନେ ଜୀବନ ନିର୍ବାହ କରିନପାରୁ । ଏଠାରେ ନିରନ୍ତର ଅର୍ଥ ନିୟମିତ ଭାବେ, ପ୍ରତ୍ୟେକ ସମୟରେ ଆମ୍ଭେମାନେ ପ୍ରାର୍ଥନା କରୁ ।

ଆମ୍ଭେମାନେ କିପରି ପ୍ରାର୍ଥନା କରିବା ଆବଶ୍ୟକ ? ତଳେ ବସି, ବା ଛିଡ଼ା ହୋଇ ବା ଆଣ୍ଠୁପାତି କିମ୍ବା କୌଣସି ଏକ ନିର୍ଦ୍ଦିଷ୍ଟ ଭଙ୍ଗୀରେ ପ୍ରାର୍ଥନା କରିବା ନିମନ୍ତେ ଆମ୍ଭମାନଙ୍କୁ

ବାଇବଲ ଆଦେଶ ଦିଏ ନାହିଁ । ଆମ୍ଭେମାନେ ବିଶ୍ୱାସରେ (ଯାକୁବ ୧:୬) ପବିତ୍ର ହୃଦୟରେ (ଗୀତ ୨୪:୩,୪) । ତାହାଙ୍କ ଇଚ୍ଛାନୁଯାୟୀ ପ୍ରାର୍ଥନା କରୁ । (ଲୂକ ୨୨:୪୨) । ଭକ୍ତି, ଶ୍ରଦ୍ଧାରେ, ପୂର୍ଣ୍ଣ ହୃଦୟରେ ଆମ୍ଭମାନଙ୍କ ପ୍ରାର୍ଥନା ଅର୍ପଣ କରୁ । (୧ମ ତୀମଥି ୨:୨, ଏବ୍ରୀ ୧୨:୨୮)

ଆମ୍ଭେମାନେ କାହାକୁ ପ୍ରାର୍ଥନା କରୁ ? ରୋମନ୍ କେଥୋଲିକ୍‌ମାନେ ଯୀଶୁଙ୍କ ମାତା ମରିୟମଙ୍କୁ ପ୍ରାର୍ଥନା କରନ୍ତି । ବେଳେବେଳେ ଲୋକେ ମୃତ ''ସାଧୁ''ମାନଙ୍କ ନିକଟରେ ପ୍ରାର୍ଥନା କରନ୍ତି । ଆଉ ଅନେକେ ଆପଣା ଆପଣା ମୃତ ବଂଶଧରମାନଙ୍କ ଠାରେ ପ୍ରାର୍ଥନା କରନ୍ତି । କିନ୍ତୁ ପିତା ପରମେଶ୍ୱରଙ୍କୁ ପ୍ରାର୍ଥନା କରିବା ନିମନ୍ତେ ପ୍ରଭୁ ଯୀଶୁ ଆପଣା ଶିଷ୍ୟମାନଙ୍କୁ ଶିକ୍ଷା ଦେଇଥିଲେ । (ମାଥିଉ ୬:୯) ଆମ୍ଭମାନଙ୍କ ମଧ୍ୟସ୍ଥ ପ୍ରଭୁଯୀଶୁଖ୍ରୀଷ୍ଟ (୧ମ ତୀମଥି ୨:୫) ଯୀଶୁଖ୍ରୀଷ୍ଟଙ୍କ ନାମରେ ପିତା ପରମେଶ୍ୱରଙ୍କ ଠାରେ ପ୍ରାର୍ଥନା କରୁ ।

ପରମେଶ୍ୱର କି ଆମ୍ଭମାନଙ୍କ ପ୍ରାର୍ଥନା ଶ୍ରବଣ କରନ୍ତି ? କର୍ମିଲ ପର୍ବତ ଉପରେ ଭବିଷ୍ୟଦ୍‌ବକ୍ତା ଏଲିୟଙ୍କ ପ୍ରାର୍ଥନା ପରମେଶ୍ୱର ଶ୍ରବଣ କରିଥିଲେ । ହାନ୍ନାଙ୍କ ପ୍ରାର୍ଥନା ପ୍ରତିଫଳେ ସେ ଏକ ପୁତ୍ର ପ୍ରାପ୍ତ ହୋଇଥିଲେ । (୧ମ ଶାମୂୟେଲ ୧:୯-୨୦) । ମହାରାଜା ହିଜକିୟଙ୍କ ପ୍ରାର୍ଥନା ପରମେଶ୍ୱର ଶ୍ରବଣ କରି ଅଶୂରୀୟମାନଙ୍କ କବଳରୁ ରକ୍ଷା କରିଥିଲେ । (ଯିଶାଇୟ ୩୭:୧୫-୩୬) । ପରମେଶ୍ୱର ତିନିଟି ଭାବେ ଉତ୍ତର ଦେଇଥାନ୍ତି । ଆମ୍ଭମାନଙ୍କ ମଙ୍ଗଳଦାୟକ ପ୍ରାର୍ଥନାର ଉତ୍ତର ସେ ଦେଇଥାନ୍ତି । ଆମ୍ଭମାନଙ୍କ ମଙ୍ଗଳଦାୟକ ପ୍ରାର୍ଥନାର ଉତ୍ତର ସେ ଦେଇଥାନ୍ତି । ମହାରାଜା ହିଜକିୟଙ୍କ ପ୍ରାର୍ଥନାରେ ସେ ତାହାଙ୍କୁ ପନ୍ଦର ବର୍ଷ ଆୟୁ ପ୍ରଦାନ କରିଥିଲେ । (୨ୟ ରାଜାବଳୀ ୨୦:୧-୬) । ଯେଉଁ ବିଷୟଗୁଡ଼ିକ ଆମ୍ଭମାନଙ୍କ କ୍ଷତିଦାୟକ ସେଗୁଡ଼ିକ ବିଷୟକ ପ୍ରାର୍ଥନାରେ ପରମେଶ୍ୱର ମନଯୋଗ କରନ୍ତି ନାହିଁ । (ଯାକୁବ ୪:୩, ୧ମ ଯୋହନ ୫:୧୪) ଦୁଷ୍ଟରାଣୀ ଯିଷିବେଲ ଭାବବାଦୀ ଏଲିୟଙ୍କୁ ହତ୍ୟା କରିବାକୁ କଳ୍ପନା କରିବା ସମୟରେ, ଏଲିୟ ପରମେଶ୍ୱରଙ୍କ ଠାରେ ପ୍ରାଣ ନିମନ୍ତେ ପ୍ରାର୍ଥନା କରିଥିଲେ । ଆପଣା ଦେହରେ ଥିବା କଣ୍ଟକ ନିମନ୍ତେ ପ୍ରେରିତ ପାଉଲ ତିନିଥର ପରମେଶ୍ୱରଙ୍କ ଠାରେ ନିବେଦନ କରିଥିଲେ (୨ କରିନ୍ଥୀ ୨:୧୧) । ସମୟ ସମୟରେ ଆମ୍ଭମାନଙ୍କ ପ୍ରାର୍ଥନାର ଉତ୍ତର ନିମନ୍ତେ ଅପେକ୍ଷା କରିବାକୁ ପଡ଼ିଥାଏ । (୧ମ କରିନ୍ଥୀ ୧:୨୫) । ଏତଦ୍ୱାରା ଆମ୍ଭେମାନେ ଧୈର୍ଯ୍ୟ ଶିକ୍ଷା କରୁ । (ଯାକୁବ ୧:୩) । ପରମେଶ୍ୱରଙ୍କ ପ୍ରତିଜ୍ଞାତ ସନ୍ତାନ ପ୍ରାପ୍ତି ନିମନ୍ତେ ଅବ୍ରାହମଙ୍କୁ ପଚିଶି ବର୍ଷ ଅପେକ୍ଷା କରିଥିଲେ ।

ପ୍ରାର୍ଥନାର ପାଞ୍ଚଟି ଅଂଶ :- (୧) ପ୍ରଶଂସା (ଲୂକ ୧୧:୨) ପରମେଶ୍ୱରଙ୍କ ଶକ୍ତି, ଜ୍ଞାନ, ଗୌରବ, ପବିତ୍ରତା, ଧାର୍ମିକତା, ଦୟା ଓ ଦୀର୍ଘ ସହିଷ୍ଣୁତା ନିମନ୍ତେ ତାହାଙ୍କ ପ୍ରଶଂସା କରୁ । ଏହା ଦ୍ୱାରା ଆମ୍ଭେମାନେ ତାହାଙ୍କ ଠାରେ ଆମ୍ଭମାନଙ୍କ ଭକ୍ତି ଶ୍ରଦ୍ଧା ପ୍ରକଟ କରୁ । (୨) ଧନ୍ୟବାଦ (୧ମ ତୀମଥି ୨:୧) । ତାହାଙ୍କ ଦତ୍ତ ପରିତ୍ରାଣ, ଜୀବନର ଆନନ୍ଦ ଏବଂ ତାହାଙ୍କ ଦତ୍ତ ପ୍ରତ୍ୟେକ ଆଶୀଷ ନିମନ୍ତେ ତାହାଙ୍କୁ କୃତଜ୍ଞତା ଜଣାଉଁ । (ଏବ୍ରୀ ୧୩:୧୫) (୩) ସ୍ୱୀକାର

(ଲୂକ ୧୧:୪, ଗୀତ ୬୬:୧୮) । ଖ୍ରୀଷ୍ଟିୟାନମାନେ ପ୍ରାର୍ଥନାରେ ଆପଣା ଆପଣା ପ୍ରତ୍ୟେକ ପାପ ସ୍ୱୀକାର କରୁ । (୧ମ ଯୋହନ ୧:୭-୯, ପ୍ରେରିତ ୮:୨୨) (୪) ବିନତୀ (ଫିଲିପୀୟ ୪:୬) । ପରମେଶ୍ୱରଙ୍କ ଦୃଷ୍ଟିରେ ସନ୍ତୋଷଯୁକ୍ତ ଆମ୍ଭମାନଙ୍କ ଆବଶ୍ୟକୀୟ ବିଷୟ ତାହାଙ୍କ ଠାରେ ପ୍ରାର୍ଥନା ଦ୍ୱାରା ବିନତୀ କରୁ । (ଯାକୁବ ୪:୩) ଆମ୍ଭେମାନେ ଯଦି ଉତ୍ତମ ଖ୍ରୀଷ୍ଟିୟାନ ହେବା ନିମନ୍ତେ ପ୍ରାର୍ଥନା କରୁ (୫) କ୍ଷାନ୍ତ ନ ହୋଇ ଅନ୍ୟମାନଙ୍କ ନିମନ୍ତେ ମଧ୍ୟ ପ୍ରାର୍ଥନା କରୁଁ । (କଲସୀ ୧:୯ ଓ ୨ ଥେସ ୩:୧)

ପରମେଶ୍ୱର ଆମ୍ଭମାନଙ୍କ କଥା ଶୁଣିବାକୁ ଇଚ୍ଛୁକ ଅଟନ୍ତି । ତେଣୁ ଆମ୍ଭେମାନେ ପ୍ରାର୍ଥନା କରୁଁ । ପ୍ରାର୍ଥନା, ଖ୍ରୀଷ୍ଟିୟାନ ଜୀବନର ଏକ ମୁଖ୍ୟ ଅଂଶ । ଏତଦ୍ୱାରା ଆମ୍ଭେମାନେ ଖ୍ରୀଷ୍ଟଙ୍କ ଠାରେ ରହିପାରିବା । (ଏଫିସୀ ୧:୩) । ଆପଣଙ୍କ ପ୍ରାର୍ଥନା କି ପରମେଶ୍ୱର ଶ୍ରବଣ କରୁଅଛନ୍ତି ? ଆପଣ ଯଦି ଜଣେ ଖ୍ରୀଷ୍ଟିୟାନ ନୁହଁନ୍ତି, ପ୍ରାର୍ଥନା କରିବାର ସୁଯୋଗ ଆପଣଙ୍କୁ ନାହିଁ । ଆପଣ ଯଦି ଅନାଜ୍ଞାବହତାର ଜୀବନଯାପନ କରୁଅଛନ୍ତି ଆପଣଙ୍କ ପ୍ରାର୍ଥନା ସେ ଶୁଣିବେ ନାହିଁ । (ଏଫିସୀ ୧:୩) ତାହାଙ୍କ ଠାରେ ଜୀବନଯାପନ କରିବା ନିମନ୍ତେ ଆମ୍ଭମାନଙ୍କୁ ତାହାଙ୍କ ଠାରେ ବିଶ୍ୱାସ କରି ତାହାଙ୍କ ଠାରେ ବାପ୍ତିଜିତ ହେବା ଆବଶ୍ୟକ । (ମାର୍କ ୧୬:୧୫,୧୬, ଗାଲାତି ୩:୨୬,୨୭) । ଆସ, ଆଜି ତାହାଙ୍କ ସୁସମାଚାରର ଆଜ୍ଞାବହ ହୁଅ, ପରମେଶ୍ୱର ଆପଣଙ୍କ ପ୍ରାର୍ଥନା ଶ୍ରବଣ କରିବେ ।

**- Truth for the World**

# ଯୋହନ ୩:୧୬

"କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେ କେହି ତାହାଙ୍କ ଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ ।" ବାଇବଲର ଅନ୍ୟ ବାକ୍ୟ ସବୁଠାରୁ ଏହି ବାକ୍ୟ ସର୍ବାଧିକ ସଂଖ୍ୟାରେ ଖ୍ରୀଷ୍ଟିୟାନ ମାନଙ୍କ ମୁଖସ୍ଥ ବାକ୍ୟ । କାରଣ ଏହି ବାକ୍ୟରେ ଅନେକ ନିଗୂଢ଼ ସତ୍ୟ ଖଞ୍ଜା ହୋଇଅଛି ।

ପରମେଶ୍ୱର ସର୍ବଶକ୍ତିମାନ
ତାହାଙ୍କ ଅତୀବ ପ୍ରେମ
ସର୍ବ ଜଗତ୍ ସେ ପ୍ରଦାନ କଲେ

ତାହାଙ୍କ ଏକମାତ୍ର ପୁତ୍ରଙ୍କୁ,
ତାହାଙ୍କ ଠାରେ ବିଶ୍ୱାସକାରୀ
ପ୍ରତ୍ୟେକେ ବିନଷ୍ଟ ନ ହୋଇ
ଅନନ୍ତଜୀବନ ପ୍ରାପ୍ତ ହେବେ ।

ଯଦିଓ ଯୋହନ ୩:୧୬ ପଦ ଏକ ଅତି ପ୍ରକ୍ୟାତ ବାକ୍ୟ, ଅନେକେ ଏହି ବାକ୍ୟର ପ୍ରକୃତ ଅର୍ଥ ବୁଝି ପାରି ନାହାନ୍ତି । ଏଠାରେ ବିଶ୍ୱାସ ଅର୍ଥ କ'ଣ ? ଯୋହନ ୩:୩୬ ପଦ ଦ୍ୱାରା ଏହା ସୁସ୍ପଷ୍ଟ କରାଯାଏ । ଯାହା କହେ,''ଯେ ପୁତ୍ରଙ୍କ ଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛି, ମାତ୍ର ଯେ ପୁତ୍ରଙ୍କୁ ଅମାନ୍ୟ କରେ, ସେ ଜୀବନ ନାହିଁ, କିନ୍ତୁ ସେ ଈଶ୍ୱରଙ୍କ କ୍ରୋଧର ପାତ୍ର ହୋଇଥାଏ ।'' ଏହି ବାକ୍ୟ ଅନୁଯାୟୀ ବିଶ୍ୱାସର ବିପରୀତ ବାକ୍ୟ ଅମାନ୍ୟ କରିବା ଅତଏବ ଯୋହନ ୩:୧୬ ପଦରେ କୁହାଯାଇଥିବା 'ବିଶ୍ୱାସ', 'କେବଳ ସରଳ ବିଶ୍ୱାସ' ନୁହେଁ, କିନ୍ତୁ ଆଜ୍ଞାବହତା ତାହାଙ୍କ ବାକ୍ୟ ପାଳନ ନ କଲେ, ସେହି ବିଶ୍ୱାସ ବୃଥା ।

ଯୋହନଙ୍କ ଲିଖିତ ସୁସମାଚାରରେ ବର୍ଣ୍ଣିତ ବିଶ୍ୱାସକାରୀ ପ୍ରତ୍ୟେକେ କି ପରିତ୍ରାଣପ୍ରାପ୍ତ ହୋଇଥିଲେ ? ଯେଉଁମାନେ ତାହାଙ୍କ ଅନୁସରଣ କରିଥିଲେ ସେମାନେ ହିଁ ପରିତ୍ରାଣ ପ୍ରାପ୍ତ ହୋଇଥିଲେ । ତାହାଙ୍କ ବାକ୍ୟ ପାଳନ ନକଲେ ଆମ୍ଭମାନଙ୍କ ବିଶ୍ୱାସ ବୃଥା । ଲେଖାଅଛି, ''ନେତାମାନଙ୍କ ମଧ୍ୟରୁ ସୁଦ୍ଧା ଅନେକେ ତାହାଙ୍କ ଠାରେ ବିଶ୍ୱାସ କଲେ, କିନ୍ତୁ କାଳେ ସେମାନେ ସମାଜଚ୍ୟୁତ ହୁଅନ୍ତି, ଏଥିପାଇଁ ଫାରୁଶୀମାନଙ୍କ ହେତୁ ତାହା ସ୍ୱୀକାର କରୁନଥିଲେ ।'' (ଯୋହନ ୧୨:୪୨) । ନେତାମାନଙ୍କ ବିଶ୍ୱାସ ନିଷ୍ଫଳ ବୋଲି ଏହି ବାକ୍ୟରୁ ବୁଝିପାରୁ । ସ୍ୱର୍ଗାରୋହଣ ପୂର୍ବରୁ ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କୁ ଆଜ୍ଞା ଦେଇ କହିଲେ,''ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।'' (ମାର୍କ ୧୬:୧୬) । ଆଜ୍ଞାବହତାରେ ଆମ୍ଭମାନଙ୍କ ବିଶ୍ୱାସ ପ୍ରତିଷ୍ଫୁଟିତ ହୁଏ । ଯେଉଁମାନେ ବିଶ୍ୱାସ କରନ୍ତି ନାହିଁ ସେମାନେ ବାପ୍ତିଜିତ ହୁଅନ୍ତି ନାହିଁ, କାରଣ ବାପ୍ତିସ୍ମ ବିଶ୍ୱାସର ଫଳ । ଫିଲୀପୀୟ କାରାରକ୍ଷକଙ୍କୁ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବା ନିମନ୍ତେ ପାଉଲ ଓ ଶୀଲା ଉତ୍ସାହିତ କରିଥିଲେ । ଲେଖାଅଛି,''ସେ ସେମାନଙ୍କୁ ରାତ୍ରିର ସେହି ଘଡ଼ିରେ ଘେନିଯାଇ ସେମାନଙ୍କ ପ୍ରହାରର କ୍ଷତସବୁ ଧୋଇଦେଲେ, ପୁଣି ସେ ଓ ତାଙ୍କର ସମସ୍ତେ ସେହିକ୍ଷଣି ବାପ୍ତିଜିତ ହେଲେ । (ପ୍ରେରିତ ୧୬:୩୩)

ପ୍ରେରିତ ପାଉଲଙ୍କର ଲେଖନୀରେ ଆଜ୍ଞାବହତାର ବିଶ୍ୱାସ ପ୍ରସ୍ଫୁଟିତ ହୁଏ । ରୋମୀୟ ମଣ୍ଡଳୀକୁ ସେ କହନ୍ତି, ''କିନ୍ତୁ ଈଶ୍ୱରଙ୍କର ଧନ୍ୟବାଦ ହେଉ ଯେ, ତୁମ୍ଭେମାନେ, ଯେଉଁମାନେ କି ପୂର୍ବରେ ପାପର ଦାସ ଥିଲ, ଏବେ ଯେଉଁ ଶିକ୍ଷାର ଆଦର୍ଶ ନିକଟରେ ସମର୍ପିତ ହୋଇଅଛ, ହୃଦୟ ସହ ସେଥିର ଆଜ୍ଞାବହ ହୋଇଅଛ । ପୁଣି ପାପରୁ ମୁକ୍ତ ହୋଇ ଧାର୍ମିକତାର ଦାସ

ହୋଇ ଅଛ । (ରୋମୀୟ ୬:୧୭-୧୮) । ଆମ୍ଭମାନଙ୍କ ଆଜ୍ଞାବହତା କେଉଁ କାର୍ଯ୍ୟ ଦ୍ୱାର
ପ୍ରକଟିତ ହୁଏ ରୋମୀୟ ୬:୪-୫ ପଦଗୁଡ଼ିକରେ ବର୍ଣ୍ଣିତ ହୋଇଅଛି । ଆମ୍ଭେମାନେ ବାପ୍ତି
ଦ୍ୱାରା ମରଣରେ ଖ୍ରୀଷ୍ଟଙ୍କ ସହିତ ସମାଧିପ୍ରାପ୍ତ ହୋଇ, ଜୀବନରେ ନୂତନ ଭାବେ ଆଚର
କରିବାକୁ ତାହାଙ୍କ ସହିତ ଉତ୍ଥିପିତ ହୋଇଅଛୁ ।

ଯାକୁବ ଲେଖନ୍ତି,"କେବଳ ବିଶ୍ୱାସ ଦ୍ୱାରାମନୁଷ୍ୟ ଧାର୍ମିକ ଗଣିତ ନହୋଇ କ
ଦ୍ୱାରା ଯେ ଧାର୍ମିକ ଗଣିତ ହୁଏ, ଏହା ତୁମ୍ଭେମାନେ ଦେଖୁଅଛ ।" ଜୀବିତ ଓ କାର୍ଯ୍ୟସାଧ
ବିଶ୍ୱାସ ହିଁ ପରମେଶ୍ୱରଙ୍କ ସନ୍ତୋଷଦାୟକ । ଅମାନ୍ୟତାର ବିଶ୍ୱାସ ମୃତ ତୂଲ୍ୟ । ପ୍ରେରି
ପାଉଲ ଓ ଯାକୁବ ଆମ୍ଭମାନଙ୍କୁ କିପରି ବିଶ୍ୱାସ ରକ୍ଷା କରିପାରେ, ବିଶ୍ଳେଷଣ କରନ୍ତି ।

ଏବ୍ରୀ ଏକାଦଶ ଅଧାୟରେ ବିଶ୍ୱାସର ଯୋଦ୍ଧାମାନଙ୍କ ବିଷୟରେ ଲିଖିତ ହୋଇଅଛି
ବିଶ୍ୱାସରେ ହେବଲ ପରମେଶ୍ୱରଙ୍କ ତୃଷ୍ଟ ବଳି ଉତ୍ସର୍ଗ କରିଥିଲେ । ହନୋକଙ୍କ ଆଜ୍ଞାବହତା
ଜୀବନ ପରମେଶ୍ୱରଙ୍କ ସନ୍ତୋଷଜନକ ଥିଲା । ବିଶ୍ୱାସରେ ନୋହ ଜାହାଜ ନିର୍ମାଣ କରିଥିଲେ
ଅବ୍ରାହମଙ୍କ ଦୃଢ଼ ବିଶ୍ୱାସ ନିମନ୍ତେ ସେ ବିଶ୍ୱାସୀମାନଙ୍କ ପିତା ରୂପେ ଖ୍ୟାତ । ଆଜ୍ଞାବହତା
ବିଶ୍ୱାସ ପରମେଶ୍ୱରଙ୍କ ସନ୍ତୋଷଦାୟକ ।

ଯୋହନ ୩:୧୬ ପଦାନୁଯାୟୀ ଅନନ୍ତ ଜୀବନ ପରମେଶ୍ୱରଙ୍କ ଠାରୁ ମନୁଷ୍ୟମାନ
ପ୍ରତି ଦାନ ଅଟେ । ଆମ୍ଭମାନଙ୍କ ସ୍ୱକର୍ମ ଦ୍ୱାରା ଆମ୍ଭେମାନେ ଅନନ୍ତଜୀବନ ପ୍ରାପ୍ତ ହୋଇନପାରୁ
ପରମେଶ୍ୱରଙ୍କ ଏହି ଦାନ, ତାହାଙ୍କ ସର୍ତ୍ତପାଳନକାରୀମାନଙ୍କୁ ଉପଲବ୍ଧ ହୋଇଥାଏ
ଆମ୍ଭମାନଙ୍କ ଆଜ୍ଞାବହତାର ଜୀବନ, ତାହାଙ୍କ ପ୍ରତି ଆମ୍ଭମାନଙ୍କ ବିଶ୍ୱାସ ପ୍ରମାଣିତ କରେ

ପ୍ରଭୁ ଯୀଶୁଖ୍ରୀଷ୍ଟ, ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଅଟନ୍ତି । ତାହାଙ୍କ ଦ୍ୱାରା ହିଁ ଆମ୍ଭେମା
ଅନନ୍ତ ଜୀବନ ଦାନ ପ୍ରାପ୍ତ ହୋଇପାରୁ । ଯଦି ଆମ୍ଭେମାନେ ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂ
ସ୍ୱୀକାର କରୁ । ଅନ୍ୟମାନଙ୍କ ସମ୍ମୁଖରେ ତାହାଙ୍କୁ ସ୍ୱୀକାର କରୁ । ପାପକ୍ଷମା ନିମନ୍ତେ ଖ୍ରୀଷ୍ଟ
ଠାରେ ବାପ୍ତିଜିତ ହୋଇ ତାହାଙ୍କ ପାଦଚିହ୍ନ ଅନୁସରଣ କରୁ । (ପ୍ରେରିତ ୨:୩୮, ୧ମ ପିତ
୨:୨୧) ।

**- Robert L. Schale**

# ପ୍ରଭୁଭୋଜ
## (The Lord's Supper)

ମନୁଷ୍ୟମାନେ ଆପଣା ଆପଣା କୃତକର୍ମ ଯୁଗେ ଯୁଗେ ସ୍ମରଣୀୟ ରହିବା ଇଚ୍ଛା
କରନ୍ତି । ଏଥିନିମନ୍ତେ ଅନେକ ମୂର୍ତ୍ତି, ଛବି ଚିତ୍ରଣ ଓ ସ୍ମୃତି ସ୍ତମ୍ଭ ନିର୍ମାଣ କରନ୍ତି । ସେମାନ

କାର୍ଯ୍ୟ ଅନେକ ବର୍ଷ ପର୍ଯ୍ୟନ୍ତ ମନୁଷ୍ୟମାନଙ୍କ ସ୍ମରଣୀୟ ରହିବା ନିମନ୍ତେ ଏଗୁଡ଼ିକ ନିର୍ମିତ ହୋଇଥାଏ ।

ଆମ୍ଭମାନଙ୍କ ପାପ ନିମନ୍ତେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ଯେ ମୃତ୍ୟୁଭୋଗିଥିଲେ ଏ ବିଷୟ ଆମ୍ଭେମାନେ ନ ଭୂଲି ସର୍ବଦା ମନେ ରଖି ଏହା ସେ ଇଚ୍ଛା କରନ୍ତି । ନୂତନ ନିୟମରେ ତାହାଙ୍କ ଜୀବନ ଚରିତ୍ର ଓ ଆମ୍ଭମାନଙ୍କ ପ୍ରତି ତାହାଙ୍କ ଇଚ୍ଛା ଲିଖିତ ହୋଇଅଛି । ଆରାଧନାରେ ରୋଟୀ ଓ ଦ୍ରାକ୍ଷାରସ ପାନ ଗ୍ରହଣ କରି ଆମ୍ଭେମାନେ ତାହାଙ୍କ ମୃତ୍ୟୁ ସ୍ମରଣ କରୁ ।

ପ୍ରଭୁଭୋଜ ବିଷୟରେ ଆମ୍ଭେମାନେ ମାଥିଉ ୨୬:୨୬-୨୯, ମାର୍କ-୧୪:୨୨-୨୫, ଲୁକ ୨୨:୧୯,୨୦, ପ୍ରେରିତ ୨:୪୨, ୨୦:୬, ଏବଂ ୧ମ କରିନ୍ଥୀ ୧୦:୧୪-୨୨, ୧୧:୨୦-୩୪ରେ ପଢ଼ିପାରୁ । ଯଦିଓ ଏହି ବାକ୍ୟଗୁଡ଼ିକ ବୁଝିବାରେ ଜଟିଳ ନୁହେଁ, ଅନେକ ଏହାକୁ ଜଟିଳ ମନେ କରନ୍ତି । (୧) ଏହି ସ୍ମୃତି ପ୍ରଥାର ନାମ ବିଷୟରେ (୨) ବ୍ୟବହୃତ ହେବା ବସ୍ତୁ ବିଷୟରେ (୩) ଏହି ପ୍ରଥାର ଅର୍ଥ ବିଷୟରେ, (୪) ପାଳନ କରିବାର ନିୟମିତ ସମୟ ବିଷୟରେ (୫) ଏହି ପ୍ରଥାରେ ଭାଗ ନେବା ପ୍ରାର୍ଥୀମାନଙ୍କ ବିଷୟରେ (୬) କିପରି ଭାଗ ନେବା ବିଷୟରେ ଅନେକଙ୍କ ସଠିକ୍ ଜ୍ଞାନ ନାହିଁ । ଆସ ଆମ୍ଭେମାନେ ଏହି ସବୁ ପ୍ରଶ୍ନର ଜବାବ ବାଇବଲର ବାକ୍ୟରେ ସନ୍ଧାନ କରିବା ।

ଏହି ପ୍ରଥାର ନାମ କ'ଣ ? ପ୍ରଭୁ ଭୋଜକୁ କେତେକ "The Mass" ଓ କେତେକ "The Eucharist" ରୂପେ ନାମିତ କରିଅଛନ୍ତି । ପ୍ରେରିତ ୨:୪୨, ୨୦:୭ ପଦରେ ଏହା ''ରୋଟୀ ଭାଙ୍ଗିବା'' ବୋଲି କୁହାଯାଏ । (୧ମ କରିନ୍ଥୀ ୧୦:୧୬) ପଦରେ ''ପ୍ରଭୁଙ୍କ ରକ୍ତର ସହଭାଗିତା'' (Communion) ବୋଲି କୁହାଯାଏ । ଏହା ପ୍ରଭୁଙ୍କ ଠାରୁ ଦତ୍ତ ହୋଇଥିବାରୁ ''ପ୍ରଭୁ ଭୋଜ'' ନାମରେ ଖ୍ୟାତ । (୧ମ୍ କରିନ୍ଥୀ ୧୧:୨୦)

ଏହି ପ୍ରଥାରେ କ'ଣ ବ୍ୟବହୃତ ହୁଏ ? ପ୍ରଭୁ ଏହି ଭୋଜ, ଯିହୂଦୀୟମାନଙ୍କ ନିସ୍ତାର ପର୍ବ ସମୟରେ ଆଜ୍ଞା ଦେଇଥିଲେ । (ମାଥିଉ ୨୬:୧୯) ନିସ୍ତାର ପର୍ବ ସମୟରେ ଖମୀର ଶୂନ୍ୟ ରୋଟୀ ଓ ଦ୍ରାକ୍ଷାରସ ବ୍ୟବହୃତ ହେଉଥିବାରୁ (ଯାତ୍ରା ୧୨:୧୩) । ପ୍ରଭୁ ଯୀଶୁ ମଧ୍ୟ ଏହି ଦୁଇଟି ବିଷୟରେ ଆଜ୍ଞା ଦେଇଥିଲେ । ଖମୀରଶୂନ୍ୟ ରୋଟୀ ତାହାଙ୍କ ପାପରହିତ ଶରୀରର ପ୍ରତିରୂପ । ଦ୍ରାକ୍ଷାରସ, ଆମ୍ଭମାନଙ୍କ ନିମନ୍ତେ କ୍ରୁଶରେ ଝରିଥିବା ରକ୍ତର ପ୍ରତିରୂପ । ପ୍ରଭୁ ଯେଉଁ ବିଷୟ ସେହି ଭୋଜରେ ବ୍ୟବହାର କରିଥିଲେ, ଆମ୍ଭେମାନେ ସେହି ବିଷୟ ବ୍ୟବହାର କରିବା ଆବଶ୍ୟକ ।

ଏହି ପ୍ରଥାର ଭାବ କ'ଣ ? ଖମୀରଶୂନ୍ୟ ରୋଟୀ ଶିଷ୍ୟମାନଙ୍କୁ ଦେଇ ପ୍ରଭୁ କହିଲେ, ''ଏହା ତୁମ୍ଭମାନଙ୍କ ନିମନ୍ତେ ଶରୀର....'' (୧ମ କରିନ୍ଥୀ ୧୧:୨୪) । ଦ୍ରାକ୍ଷାରସରେ

ଭରିତ ପାନପାତ୍ର ଶିଷ୍ୟମାନଙ୍କୁ ଦେଇ କହିଲେ,''ଯେଉଁ ନିୟମର ରକ୍ତ ଅନେକଙ୍କ ନିମନ୍ତେ ପାପକ୍ଷମା ଉଦ୍ଦେଶ୍ୟରେ ପାତିତ ହେଉଅଛି, ଏ ମୋହର ସେହି ରକ୍ତ।'' (ମାଥିଉ ୨୬:୨୮)। ପ୍ରଭୁ ଭୋଜ ସମୟରେ ରୋଟୀ ଓ ଦ୍ରାକ୍ଷାରସ ତାହାଙ୍କ ଶରୀର ଓ ରକ୍ତରେ ପରିବର୍ତ୍ତିତ (Fvansubstantition) ହୁଏ ବୋଲି ରୋମାନ୍ କାଥଲିକ ମାନେ ଶିକ୍ଷା ଦିଅନ୍ତି। କିନ୍ତୁ ବାଇବଲ ଏ ବିଷୟରେ ମୌନ ରହେ। ରୋଟୀ ଓ ଦ୍ରାକ୍ଷାରସ ଖ୍ରୀଷ୍ଟଙ୍କ ଦେହ ଓ ରକ୍ତରେ ପରିବର୍ତ୍ତିତ ହୁଏ ବୋଲି କି ଖ୍ରୀଷ୍ଟ ଶିକ୍ଷା ଦେଇଥିଲେ ? କାରଣ ସେ ଏହି ଆଜ୍ଞା ଦେବା ସମୟରେ ଏହି ଜଗତରେ ମନୁଷ୍ୟ ଶରୀର ଧାରଣ କରି ଜୀବନଯାପନ କରୁଥିଲେ। ତାହାଙ୍କ କ୍ଷତବିକ୍ଷତ ଶରୀରର ସ୍ମରଣରେ ରୋଟୀ ଓ ଝରାଇଥିବା ରକ୍ତର ସ୍ମରଣରେ ଦ୍ରାକ୍ଷାରସ ନେବା ନିମନ୍ତେ ଆଜ୍ଞା ଦେଇଥିଲେ। ପ୍ରଭୁଭୋଜ ଏକ ସ୍ମାରକ ସଭା କିନ୍ତୁ ବଳିଦାନର ପ୍ରତୀକ ନୁହେଁ। ଖ୍ରୀଷ୍ଟ ଆପଣାକୁ ଥରେ ମାତ୍ର କ୍ରୁଶରେ ବଳି ଦଇେଥିଲେ। (ଏବ୍ରୀ ୭:୨୭, ୯:୧୨, ୨୫-୨୮)। ରୋମାନ୍‌କାଥଲିକ ସିଦ୍ଧାନ୍ତନୁଯାୟୀ ଖ୍ରୀଷ୍ଟ ବାରମ୍ବାର ଆପଣାକୁ ବଳିରୂପେ ଉତ୍ସର୍ଗ କରୁନାହାନ୍ତି। ଖମୀର ଶୂନ୍ୟ ରୋଟୀ ଓ ଦ୍ରାକ୍ଷାରସ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ଶରୀର ଓ ତାହାଙ୍କ ରକ୍ତ ସ୍ମରଣ କରାଏ। (ଯିଶାଇ ୫୩:୧, ପିତର ୨:୨୪)

ଏହି ପ୍ରଭୁଭୋଜ ପ୍ରଥା ଆମ୍ଭେମାନେ କେତେ ସମୟ ବ୍ୟବଧାନରେ ପାଳନ କରିବା ଆବଶ୍ୟକ ? ସପ୍ତାହର ପ୍ରଥମ ଦିନରେ ପ୍ରଭୁଭୋଜରେ ଆମ୍ଭେମାନେ ଭାଗୀ ହେବା ଆବଶ୍ୟକ ବୋଲି ପ୍ରେରିତ ୨୦:୭ ପଦରୁ ଜାଣିପାରୁ। ସପ୍ତାହର ପ୍ରଥମ ଦିନରେ ଅର୍ଥାତ୍ ରବିବାର ଦିନରେ ପ୍ରଭୁ ଯୀଶୁଖ୍ରୀଷ୍ଟ ମୃତ୍ୟୁରୁ ଉତ୍ଥିତ ହୋଇଥିଲେ। (ଲୂକ ୨୪:୧) ପେଣ୍ଟିକଷ୍ଟ ଦିନ ଯାହା କି ସପ୍ତାହର ପ୍ରଥମ ଦିନରେ ପଡୁଥିଲା, ମଣ୍ଡଳୀ ସ୍ଥାପିତ ହୋଇଥିଲା। (ଲେବୀ ୨୩:୧-୧୭, ପ୍ରେରିତ ୨ ପର୍ବ)। ଏହି ଦିନରେ ଖ୍ରୀଷ୍ଟିୟାନମାନେ ଈଶ୍ୱରଙ୍କୁ ଉପାସନା କରିବା ନିମନ୍ତେ ଏକତ୍ରିତ ହୁଅନ୍ତି। (ପ୍ରେରିତ ୨୦:୭, ୧ମ କରିନ୍ଥୀ ୧୬:୨, ପ୍ରକାଶିତ ୧:୧୦)। ପ୍ରତ୍ୟେକ ସପ୍ତାହରେ ପ୍ରଥମ ଦିନ ଥିବାରୁ, ସପ୍ତାହର ପ୍ରଥମ ଦିନରେ ଆମ୍ଭେମାନେ ପ୍ରଭୁଭୋଜରେ ଭାଗୀ ହେଉ। ''ବିଶ୍ରାମ ଦିନ ପବିତ୍ର ରୂପେ ପାଳିବାକୁ ସ୍ମରଣ କର।'' (ଯାତ୍ରା ୨୦:୮) ବୋଲି ଇଶ୍ରାଏଲୀୟମାନେ ଆଜ୍ଞାପିତ ହୋଇଥିଲେ, ଏବଂ ଆମ୍ଭେମାନେ ମଧ୍ୟ ପ୍ରତି ସପ୍ତାହର ପ୍ରଥମ ଦିନରେ ପ୍ରଭୁଭୋଜରେ ଭାଗୀ ହୋଇ ତାହାଙ୍କ ମୃତ୍ୟୁ ସ୍ମରଣ କରୁ।

ପ୍ରଭୁଭୋଜରେ କିଏ ଭାଗୀ ହୁଅନ୍ତି ? ପ୍ରଭୁଙ୍କ ଆଗମନ ପର୍ଯ୍ୟନ୍ତ ପ୍ରଭୁଙ୍କ ମୃତ୍ୟୁ ସ୍ମରଣ କରିବା 'ପ୍ରଭୁଭୋଜ' ପାଳନର ମୁଖ୍ୟ ଉଦ୍ଦେଶ୍ୟ। (୧ମ କରିନ୍ଥୀ ୧୧:୨୬)। ଯେଉଁମାନେ ପ୍ରଭୁଙ୍କ ବଳିଦାନ ଉପେକ୍ଷା କରୁଛନ୍ତି ସେମାନେ ପ୍ରଭୁଭୋଜରେ ଭାଗୀ ହେବାରେ କିଛି ପ୍ରୟୋଜନ ନାହିଁ। ଖ୍ରୀଷ୍ଟଙ୍କ ଳିଦାନ ସ୍ୱୀକାର କରିବାର ଏକମାତ୍ର ପଥ ଅଛି, ତାହା ହେଲା :- ଖ୍ରୀଷ୍ଟଙ୍କ ସୁସମାଚାର ଶ୍ରବଣ, ବିଶ୍ୱାସ, ମନ ପରିବର୍ତ୍ତନ, ଖ୍ରୀଷ୍ଟଙ୍କ ଠାରେ ଆପଣା ବିଶ୍ୱାସ କରି ବାପ୍ତିଜିତ ହେବା (ରୋମ ୧୦:୧୭, ଯୋହନ ୮:୨୪, ଲୂକ ୧୩:୩, ମାଥିଉ ୧୦:୩୨,

୩୩, ପ୍ରେରିତ ୨:୩୮,ରୋମାନ ୬:୪)। ଯେଉଁମାନେ ସୁସମାଚାର ଆଜ୍ଞାବହ ହୋଇଅଛନ୍ତି ସେମାନେ ହିଁ 'ପ୍ରଭୁଭୋଜ'ରେ ଭାଗୀ ହେବା ଆବଶ୍ୟକ।

ଏହି ପ୍ରଥା ଆମ୍ଭେମାନେ କିପରି ପାଳନ କରୁ ? ଭକ୍ତି ଓ ଶ୍ରଦ୍ଧା ସହ ପ୍ରଭୁଙ୍କ ମେଜର ନିକଟବର୍ତ୍ତୀ ହେଉ। କରିନ୍ଥୀରେ ଥିବା ସାଧୁମାନେ 'ପ୍ରଭୁଭୋଜ' କୌତୁହଳଭାବେ ପାଳନ କରୁଥିବାରୁ ପାଉଲ ସେମାନଙ୍କୁ ଉର୍ଦ୍ଧ୍ୱଯୋଗ କରିଥିଲେ। କରିନ୍ଥୀୟ ଖ୍ରୀଷ୍ଟିୟାନମାନେ ଆହାର ସହିତ ପ୍ରଭୁଭୋଜ ଗ୍ରହଣ କରୁଥିଲେ। ଏତଦ୍ୱାରା ଜଣେ ମାତାଲ ରହି ଜଣେ କ୍ଷୁଧାରେ ରହୁଥିଲା ଏବଂ ପ୍ରଭୁଭୋଜ ପାଳନର ମୁଖ୍ୟ ଉଦ୍ଦେଶ୍ୟରେ ଏହା ପାଳିତ ହେଉନଥିଲା। ତେଣୁକରି ପାଉଲ ସେମାନଙ୍କୁ ଆପଣା ଆପଣା ଗୃହରେ ଆହାର ଗ୍ରହଣ କରିବା ନିମନ୍ତେ ଆଜ୍ଞା ଦେଇଥିଲେ (୧ମ କରିନ୍ଥୀ ୧୧:୨୦-୨୨)। ଆମ୍ଭେମାନେ ଅଯୋଗ୍ୟଭାବେ ପ୍ରଭୁଭୋଜରେ ଭାଗୀ ନହେଉଁ। ଏଠାରେ ମନୁଷ୍ୟର ଆପଣା ଯୋଗ୍ୟତା ବିଷୟରେ କୁହାଯାଏ ନାହିଁ, କିନ୍ତୁ ଯୋଗ୍ୟ ଆଚରଣ ବିଷୟରେ କୁହାଯାଏ, କାରଣ ପ୍ରଭୁଙ୍କ ମେଜରେ ସହଭାଗୀ ହେବା ନିମନ୍ତେ କେହି ଯୋଗ୍ୟ ନୁହଁନ୍ତି। (ଏଫିସୀ ୨:୮)। ତାହାଙ୍କ ଶରୀର ଓ ରକ୍ତ ସ୍ମରଣ ନ କରି ଅନ୍ୟ ମନସ୍କ ହୋଇ ତାହାଙ୍କ ମେଜରେ ସହଭାଗୀ ହେଲେ, ତାହାଙ୍କ ଶରୀର ଓ ରକ୍ତର ଦାୟୀ ହେବୁ। ଆମ୍ଭେମାନେ ଆପଣା ଆପଣାକୁ ପରୀକ୍ଷା କରି ରୋଟୀ ଗ୍ରହଣ କରୁ ଓ ଦ୍ରାକ୍ଷାରସ ପାନ କରୁ। (୧ମ କରିନ୍ଥୀ ୧୧:୨୭-୨୯)

ପ୍ରଭୁଙ୍କ ମେଜର ସହଭାଗୀ ହେବା ସମୟରେ, ଖ୍ରୀଷ୍ଟିୟାନମାନେ ସେମାନଙ୍କ ପରିତ୍ରାଣର ମୂଲ୍ୟ ବିଷୟରେ ସ୍ମରଣ କରନ୍ତି (୨ କରିନ୍ଥୀ ୫:୨୧)। ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନେ ଉପାସନାର ଏହି ମୁଖ୍ୟ ଅଂଶରେ ଭାଗୀ ହେବାରେ ଅବହେଳା କରନ୍ତି ନାହିଁ। ସେମାନେ ସପ୍ତାହର ପ୍ରଥମ ଦିନରେ ଈଶ୍ୱରଙ୍କ ଉପାସନା ନିମନ୍ତେ ଏକତ୍ରିତ ହୋଇ "ପ୍ରଭୁଙ୍କ ଆଗମନ ପର୍ଯ୍ୟନ୍ତ ତାହାଙ୍କ ମୃତ୍ୟୁ ପ୍ରଚାର" କରନ୍ତି।

"................ଶତ୍ରୁ ହସ୍ତରେ ସମର୍ପିତ ହେବା ରାତ୍ରିରେ ପ୍ରଭୁ ଯୀଶୁ ରୋଟୀ ଘେନି ଧନ୍ୟବାଦ ଦେଇ ତାହା ଭାଙ୍ଗି କହିଲେ, ଏହା ତୁମ୍ଭମାନଙ୍କ ନିମନ୍ତେ ମୋହର ଶରୀର, ଯେତେ ସ୍ମରଣ କରିବା ନିମନ୍ତେ ଏହା କର। ସେହିପରି ଭୋଜନ ଉତ୍ତାରେ ସେ ପାନପାତ୍ର ମଧ୍ୟ ଘେନି କହିଲେ, ଏହି ପାନ ପାତ୍ର ମୋହର ରକ୍ତରେ ସ୍ଥାପିତ ନୂତନ ନିୟମ, ତୁମ୍ଭେମାନେ ଯେତେଥର ଏଥିରୁ ପାନ କର, ସେତେଥର ମୋତେ ସ୍ମରଣ କରିବା ନିମନ୍ତେ ଏହା କର। (୧ମ କରିନ୍ଥୀ ୧୧:୨୩-୨୫)

**- Truth for the World**

# ଆପଣ କି ପରମେଶ୍ୱରଙ୍କ ଠାରେ ବିଶ୍ୱାସ କରନ୍ତି ?

## (Do you believe there is a God)

ପରମେଶ୍ୱରଙ୍କ ଠାରେ ବିଶ୍ୱାସ ରଖିବାର ୧୫ ଗୋଟି କାରଣ :-

୧. ଅଗ୍ନି ପିଣ୍ଡୁଳା ସୂର୍ଯ୍ୟକୁ ନିତ୍ୟ ଜଳିବା ନିମନ୍ତେ ଈଶ୍ୱର ଜାଳେଣୀ ପ୍ରଦାନ କରନ୍ତି । ଏହା କେବଳ ତାହାଙ୍କ ସାଧ୍ୟ ।

୨. ଜୀବହୀନ ବୀଜ ବପନରେ ଜୀବନ ଅଙ୍କୁରିତ ହୁଏ । ପରମେଶ୍ୱର ତାହାକୁ ଜୀବନ ପ୍ରଦାନ କରନ୍ତି ।

୩. ପରମେଶ୍ୱର ସମସ୍ତ ଜ୍ଞାନର ଆଧାର ଅଟନ୍ତି । ମନୁଷ୍ୟ ଠାରୁ ମହତ୍ତର ବ୍ୟକ୍ତିଙ୍କ ଠାରେ ଜ୍ଞାନର ଉତ୍ପତ୍ତି । ସର୍ବଜ୍ଞାନୀ ପରମେଶ୍ୱରଙ୍କ ଠାରୁ ଜାଗତିକ ମନୁଷ୍ୟକୁ ଜ୍ଞାନ ପ୍ରବାହିତ ହୁଏ ।

୪. ପରମେଶ୍ୱର, ପୃଥିବୀକୁ ଏକ ଉପଯୁକ୍ତ କକ୍ଷରେ ସ୍ଥାପିତ କରାଇଅଛନ୍ତି, ଯଦ୍ୱାରା ଆମ୍ଭମାନଙ୍କ ଜୀବନରେ ଉପକାରୀ ଋତୁ ଉପଲବ୍ଧ ହେଉ ।

୫. ଏହି ଜଗତର ସୃଷ୍ଟି ବିଷୟରେ ଅନେକ ମତବାଦ ରହିଅଛି । ପରସ୍ପର ବିପରୀତ ବିବର୍ତ୍ତନ ମତବାଦ ଠାରୁ ସର୍ବଶକ୍ତିମାନ ପରମେଶ୍ୱରଙ୍କ ଦ୍ୱାରା ଏହି ବିଶ୍ୱସୃଷ୍ଟି ହୋଇଅଛି ବୋଲି ବିଶ୍ୱାସ କରିବା ଶ୍ରେୟସ୍କର ।

୬. ଶୂନ୍ୟରୁ ପରମେଶ୍ୱର ସମସ୍ତ ବିଷୟ ସୃଷ୍ଟି କରିଥିଲେ । ଏହା ମନୁଷ୍ୟର ଅସାଧ୍ୟ କିନ୍ତୁ ପରମେଶ୍ୱରଙ୍କ ସାଧ୍ୟ ।

୭. ତାହାଙ୍କ ସୃଷ୍ଟ ନକ୍ଷତ୍ରଗଣ ପରସ୍ପର ଠାରୁ କୋଟି କୋଟି ଆଲୋକ ବର୍ଷ ବ୍ୟବଧାନରେ ଅବସ୍ଥିତ । ଏହିପରି କାର୍ଯ୍ୟ କେବଳ ପରମେଶ୍ୱରଙ୍କ ସାଧ୍ୟ ।

୮. ମନୁଷ୍ୟମାନଙ୍କ ପଥ ପ୍ରଦର୍ଶକ ବାଇବଲ ମନୁଷ୍ୟମାନଙ୍କ ଦ୍ୱାରା ଲିଖିତ ହେବା ଅସମ୍ଭବ, ୩୭ ବଂଶାନୁକ୍ରମେ ଲିଖିତ ହୋଇ ଏହି ପୁସ୍ତକ ସଂପୂର୍ଣ୍ଣ ହୋଇଥିଲା । ଏହିପରି ପୁସ୍ତକ କେବଳ ପରମେଶ୍ୱର ଲେଖି ପାରନ୍ତି ।

୯. ଆମ୍ଭେମାନେ ପରମେଶ୍ୱରଙ୍କୁ ଦେଖି ନପାରୁଥିଲେ ସୁଦ୍ଧା, ତାହା ସୃଷ୍ଟ ପ୍ରତ୍ୟେକ ବିଷୟ ଆମ୍ଭମାନଙ୍କ ଦୃଷ୍ଟିଗୋଚର ନୁହେଁ । ଆମ୍ଭମାନଙ୍କ ମନର ଭାବନା, କଳ୍ପନା, ବାୟୁ, ଶୂନ୍ୟ, ସମୟ, ଭବିଷ୍ୟତ୍ ବା ଅତୀତ ଦୃଶ୍ୟ ନ ହେଲେ ସୁଦ୍ଧା, ଏମାନଙ୍କ ପ୍ରଭାବ ଆମ୍ଭମାନଙ୍କ ଜୀବନରେ ଅନେକ ମାତ୍ରରେ ଆମ୍ଭମାନଙ୍କୁ ପ୍ରଭାବିତ କରିଥାଏ ।

୧୦. କୀଟପତଙ୍ଗ ପରମେଶ୍ୱରଙ୍କ ଅସ୍ତିତ୍ୱ ପ୍ରକଟ କରେ । ଜଗତରେ ଥିବା କୋଟି କୋଟି କୀଟପତଙ୍ଗ କାର୍ଯ୍ୟକଳାପ, ଖାଦ୍ୟ, ବସତି ସବୁ ପରୀକ୍ଷା କଲେ ପରମେଶ୍ୱର ସେମାନଙ୍କୁ କିପରି ଆପଣା ବଶରେ ରଖିଅଛନ୍ତି ଜାଣି ଆଶ୍ଚର୍ଯ୍ୟ ଲାଗେ । ଏହି ଅସଂଖ୍ୟ କୀଟପତଙ୍ଗ ଇଚ୍ଛା କଲେ ମନୁଷ୍ୟମାନଙ୍କୁ ଅଧଘଣ୍ଟାରେ ବିନାଶ କରିପାରେ । ଆମ୍ଭମାନଙ୍କ ପିତା ପରମେଶ୍ୱର ସେମାନଙ୍କ କବଳରୁ ଆମ୍ଭମାନଙ୍କୁ ରକ୍ଷା କରନ୍ତି ।

୧୧. ଜଗତର ବୃକ୍ଷଲତା ଏବଂ ପଶୁଜଗତ ପରମେଶ୍ୱରଙ୍କ ଅସ୍ତିତ୍ୱ ପ୍ରକଟ କରେ । ଅନେକ ବୃକ୍ଷଲତା ଓ ଜନ୍ତୁ ମନୁଷ୍ୟମାନଙ୍କ ପ୍ରାଣନାଶକ । ପରମେଶ୍ୱରଙ୍କ ସୃଷ୍ଟିରେ ପ୍ରତ୍ୟେକ ଫଳ ଓ ପଶୁ ସ୍ୱଜାତୀୟ ଫଳ ଓ ପଶୁ ସୃଷ୍ଟି କରେ । ଯଦି ଗୋଟିଏ ପ୍ରକାରର ଫଳର ବିଷ ଅନ୍ୟ ଫଳକୁ ସଂକ୍ରମିତ ହେଉଥାନ୍ତା ଏହି ବିଶ୍ୱ ବିଷମୟ ହୁଅନ୍ତା । କିନ୍ତୁ ପିତା ପରମେଶ୍ୱର ଏହି ସୃଷ୍ଟିକୁ ବିନାଶରୁ ରକ୍ଷା କରିଆସୁଅଛନ୍ତି ।

୧୨. ଏକ ଘଡ଼ି ନେଇ ତାହାର ଯନ୍ତ୍ରଗୁଡ଼ିକ ଅଲଗା ଅଲଗା କରି ଗୋଟିଏ ବାକ୍ସରେ ରଖନ୍ତୁ । ବାକ୍ସରେ ଥିବା ଯନ୍ତ୍ରଗୁଡ଼ିକ କି ଆପେ ଆପେ ଏକ ଘଡ଼ିରେ ସଂଜ୍ଞିବୀତ ହୋଇପାରେ ? ଠିକ୍ ସେହିପରି ଏକ ସୃଷ୍ଟିକର୍ତ୍ତା ବିନା ଆମ୍ଭମାନଙ୍କ ଏହି ବିଶ୍ୱ ଶୃଙ୍ଖଳିତ ହେବା ସଂଜ୍ଞିବୀତ ହୋଇନାହିଁ ।

୧୩. ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ପରମେଶ୍ୱରଙ୍କ ଶକ୍ତି ପ୍ରକଟ କରେ । ମାଧ୍ୟାକର୍ଷଣ ଶକ୍ତି ଦ୍ୱାରା ପୃଥିବୀର ପ୍ରତ୍ୟେକ ବସ୍ତୁ ସ୍ୱସ୍ଥାନରେ ରହୁଛନ୍ତି । ନଚେତ୍ ଏହି ପୃଥିବୀ ଏକ ଧ୍ୱଂସ ବିଧ୍ୱଂସର ଛବି ଧାରଣ କରନ୍ତା ।

୧୪. ମନୁଷ୍ୟର ଜ୍ଞାନ, ମନୁଷ୍ୟର ଶକ୍ତି ପରମେଶ୍ୱରଙ୍କ ଅସ୍ତିତ୍ୱ ପ୍ରକଟ କରେ । ପରମେଶ୍ୱରଙ୍କ ସୃଷ୍ଟିରେ ମନୁଷ୍ୟ ,କମାତ୍ର ବ୍ୟକ୍ତି ଯାହା କଥା କହିବାରେ, ପାଠ ପଢ଼ିପାରେ ଓ ବିଚାର କରିପାରେ । ବିବର୍ତ୍ତନ ମତ ସତ୍ୟ ହେଲେ, ପ୍ରତ୍ୟେକ ପ୍ରାଣୀ ମନୁଷ୍ୟର ସ୍ଥିତିକୁ ପରିବର୍ତ୍ତନ ହେବାର ସୁଯୋଗ ପାଇଥାନ୍ତେ । କିନ୍ତୁ ମନୁଷ୍ୟ ବ୍ୟତୀତ ଆଉ ଯେକୌଣସି ପ୍ରାଣୀ ବୁଦ୍ଧିମାନ ନୁହେଁ । ଜ୍ଞାନବାନ ମନୁଷ୍ୟ ସୃଷ୍ଟିର ପ୍ରତ୍ୟେକ ପ୍ରାଣୀ ଉପରେ ରାଜତ୍ୱ କରେ ।

୧୫. ଏହି ଜାଗତିକ ଜୀବନ ପରେ ପ୍ରତ୍ୟେକ ମନୁଷ୍ୟ ଆପଣା କୃତ କର୍ମ ନିମନ୍ତେ ପୁରସ୍କୃତ ହେବେ । କାରଣ :- ଏହି ଜଗତରେ ସେମାନେ ଆପଣା କୃତକର୍ମ ନିମନ୍ତେ ପ୍ରତିଫଳ ପାଇନଥାନ୍ତି । ଅନେକେ ଏହି ଜୀବନରେ କରିଥିବା କୁକର୍ମ ନିମନ୍ତେ ଦଣ୍ଡିତ ନହେଲେ ସୁଦ୍ଧା ସେମାନଙ୍କ ନିମନ୍ତେ ପରମେଶ୍ୱରଙ୍କ ନିକଟରେ ଦଣ୍ଡ ସଞ୍ଚିତ ହୋଇ ରହିଅଛି । ନାଜି ଏକଛତ୍ର ଶାସକ ହିଟ୍ଲର ଅସଂଖ୍ୟ ଯିହୂଦୀମାନଙ୍କୁ ହତ୍ୟା କଲେ ସୁଦ୍ଧା ସେ ଏହି ଜଗତରେ ଦଣ୍ଡିତ ହୋଇନଥିଲେ । ସତକର୍ମ କରିବା ମାନବ ମାନଙ୍କ ନିମନ୍ତେ ଓ ଅସତ୍ୟ କର୍ମକାରୀମାନଙ୍କ ନିମନ୍ତେ ପୁରସ୍କାର ପରମେଶ୍ୱରଙ୍କ ଠାରେ ସଞ୍ଚିତ ହୋଇଅଛି ।

# ଈଶ୍ୱରଙ୍କ ବାକ୍ୟ
## (The word of God)

ଖ୍ରୀଷ୍ଟିୟାନମାନେ ଫଳ ଫଳିବା ନିମନ୍ତେ ଆହୂତ ହୋଇ ଅଛନ୍ତି । ଫଳ ଫଳିବା ନିମନ୍ତେ ଈଶ୍ୱରଙ୍କ ବାକ୍ୟ ହିଁ ବୀଜ ଅଟେ ।

ମନୁଷ୍ୟମାନଙ୍କ ହୃଦୟରେ ସ୍ଥାନ ପାଇଥିବା ବାକ୍ୟର ଧ୍ୟାନ ଦ୍ୱାରା ମନୁଷ୍ୟ ଖ୍ରୀଷ୍ଟିୟାନ ଜୀବନ ନିମନ୍ତେ ଶକ୍ତି ସଂଗ୍ରହ କରେ । ''..................ମାତ୍ର ସଦାପ୍ରଭୁଙ୍କ ବ୍ୟବସ୍ଥାରେ ଯାହାର ଆମୋଦ ଥାଏ, ଓ ଯେ ଦିବାରାତ୍ର ତାହାଙ୍କର ବ୍ୟବସ୍ଥା ଧ୍ୟାନ କରେ, ସେ ଧନ୍ୟ, ଯେଉଁ ବୃକ୍ଷ ଜଳସ୍ରୋତ ନିକଟରେ, ଯାହାର ପତ୍ର ହିଁ ମଳିନ ହୁଏ ନାହିଁ, ଏପରି ବୃକ୍ଷ ସଦୃଶ୍ୟ ହେବ, ପୁଣି, ସେ ଯାହା କରେ, ତାହା ସଫଳ ହେବ ।'' (ଗୀତ ୧:୨-୩)

ଏହି ବାକ୍ୟରେ, ଫଳପ୍ରଦ ଖ୍ରୀଷ୍ଟିୟାନ ଜୀବନର ସୂତ୍ର ସୁସ୍ପଷ୍ଟ ହୁଏ । ଦିବାରାତ୍ର ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରିବା ତତ୍‌ଫଳେ, ନଦୀତୀରର ବୃକ୍ଷ ନ ଶୁଖି ଯେପରି ଫଳ ଫଳିବା ପାଇଁ ବୃଦ୍ଧି ପାଏ ଏବଂ ଫଳ ଉତ୍ପାଦନ କରେ ସେହିପରି ବାକ୍ୟଧ୍ୟାନ କାରୀମାନେ ଈଶ୍ୱରଙ୍କ ନିମନ୍ତେ ଫଳ ଉତ୍ପାଦନ କରନ୍ତି । ତୃତୀୟରେ ଯେଉଁ ବୃକ୍ଷର ପତ୍ର ମଳିନ ନ ହୁଏ ତାହାର ସଦୃଶ୍ୟ, ସବୁଜ ଖ୍ରୀଷ୍ଟିୟାନମାନେ ଯେଉଁ କାର୍ଯ୍ୟ କରନ୍ତି ସଫଳ ହୁଅନ୍ତି ।

ପ୍ରତ୍ୟେକ ଖ୍ରୀଷ୍ଟିୟାନ ଦିନକୁ ଦିନ ଖ୍ରୀଷ୍ଟଙ୍କ ଜ୍ଞାନରେ ବୃଦ୍ଧି ପାଇବା ଆବଶ୍ୟକ । ଏକ ଶିଶୁର ବୃଦ୍ଧି ନିମନ୍ତେ ଶାରୀରିକ ଖାଦ୍ୟ ଯେପରି ଆବଶ୍ୟକ, ଆତ୍ମୀୟ ଶିଶୁମାନଙ୍କ ବୃଦ୍ଧି ନିମନ୍ତେ ଈଶ୍ୱରଙ୍କ ବାକ୍ୟ ଆବଶ୍ୟକ । ଏଫିସୀ ମଣ୍ଡଳୀର ପ୍ରାଚୀନମାନଙ୍କ ପ୍ରେରିତ ପାଉଲ କହନ୍ତି, ''ଏବେ ମୁଁ ତୁମ୍ଭମାନଙ୍କୁ ପ୍ରଭୁଙ୍କ ଠାରେ ଓ ତାହାଙ୍କ ଅନୁଗ୍ରହର ବାକ୍ୟ ନିକଟରେ ସମର୍ପଣ କରୁଅଛି, ସେ ତୁମ୍ଭମାନଙ୍କୁ ନିଷ୍ଠାବାନ୍ କରିବା ନିମନ୍ତେ ଓ ପବିତ୍ରୀକୃତ ସମସ୍ତଙ୍କ ମଧ୍ୟରେ ଅଧିକାର ଦେବା ନିମନ୍ତେ ସମର୍ଥ ଅଟନ୍ତି ।'' (ପ୍ରେରିତ ୨୦:୩୨)

ଆଦି ଖ୍ରୀଷ୍ଟିୟ ସମାଜରେ ଅନେକ ଭ୍ରାନ୍ତ ଶିକ୍ଷା ସ୍ଥାନ ପାଇଅଛି । ବାକ୍ୟଧ୍ୟାନ ଦ୍ୱାରା ଆମ୍ଭେମାନେ ଭ୍ରାନ୍ତ ଶିକ୍ଷାଠାରୁ ଓ ପାପଠାରୁ ଆପଣାକୁ ପୃଥକ୍ ରଖିପାରିବା ।

''କିନ୍ତୁ ଦୁଷ୍ଟ ଲୋକ ଓ ପ୍ରବଞ୍ଚକମାନେ ଭ୍ରାନ୍ତି ଜନ୍ମାଇ ଓ ଭ୍ରାନ୍ତ ହୋଇ ଅଧିକରୁ ଅଧିକ ଦୁଷ୍ଟ ହୋଇ ଉଠିବେ । କିନ୍ତୁ ତୁମ୍ଭେ ଯାହା ଯାହା ଶିକ୍ଷା କରିଅଛ, ଆଉ ଯେ ସମସ୍ତ ବିଷୟର ନିଶ୍ଚିତ ବୋଧ ପାଇଅଛୁ । ସେ ସବୁରେ ସ୍ଥିର ହୋଇ ରହିଥାଅ, କାରଣ ତୁମ୍ଭେ ଜାଣୁଅଛ, କେଉଁ ମାନଙ୍କ ଠାରୁ ସେହିସବୁ ଶିକ୍ଷା କରିଅଛ, ପୁଣି ଯେଉଁ ଧର୍ମଶାସ୍ତ୍ର ଖ୍ରୀଷ୍ଟ ଯୀଶୁଙ୍କ

ଠାରେ ବିଶ୍ୱାସ ଦ୍ୱାରା ତୁମ୍ଭଙ୍କୁ ପରିତ୍ରାଣ ଜନକ ଜ୍ଞାନ ଦେବାକୁ ସମର୍ଥ ତାହା ତୁମ୍ଭେ ବାଲ୍ୟକାଳରୁ ଜ୍ଞାତ ଅଛ । ସମସ୍ତ ଶାସ୍ତ୍ର ଈଶ୍ୱର ନିଃଶ୍ୱସିତ ଏବଂ ଶିକ୍ଷା ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ । ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ସୁସଜ୍ଜିତ ହୁଏ ।'' (୨ୟ ତୀମଥି ୩:୧୩-୧୭)

ଈଶ୍ୱରଙ୍କ ବାକ୍ୟ ଧ୍ୟାନ ନ କରିବାରେ ଅବହେଳା କଲେ ମନୁଷ୍ୟ ଭ୍ରାନ୍ତ ଶିକ୍ଷାର ଶିକାର ହୁଏ । ଶୟତାନ ସେମାନଙ୍କ ହୃଦୟରେ ଅଜାଣତରେ ପ୍ରବେଶ କରିଥାଏ । ଏପରି ଆପଦରୁ ଆପଣାକୁ ଆମେ କିପରି ରକ୍ଷା କରିବା ଗୀତ ରଚକ ଆମ୍ଭମାନଙ୍କୁ ଜଣାନ୍ତି । ''ମୁଁ ଯେପରି ତୁମ୍ଭ ପାପ ନକରେ, ଏଥିପାଇଁ ମୁଁ ଆପଣା ହୃଦୟ ମଧ୍ୟରେ ତୁମ୍ଭର ବାକ୍ୟ ସଞ୍ଚୟ କରି ରଖିଅଛି ।'' (ଗୀତ ୧୧୯:୧୧)

ଆପଣଙ୍କ ଖ୍ରୀଷ୍ଟିୟାନ ଜୀବନ ନିଷ୍ଫଳ ହେବା କି ଆପଣ ଇଚ୍ଛା କରନ୍ତି ? ତା'ହେଲେ ଈଶ୍ୱରଙ୍କ ବାକ୍ୟ ଧ୍ୟାନରେ ଅବହେଳା କରନ୍ତୁ ଆପଣ ଆପଣା ଲକ୍ଷ୍ୟ ସାଧନ କରିପାରିବେ । ଯଦି ଆପଣ ଫଳପ୍ରଦ ଜୀବନ ଓ ନିତ୍ୟ ଜୀବନ ଆକାଂକ୍ଷା କରନ୍ତି, ଈଶ୍ୱରଙ୍କ ବାକ୍ୟ ଧ୍ୟାନ ଆପଣଙ୍କ ଦୈନିକ ଜୀବନର ଶ୍ରେଷ୍ଠ ସ୍ଥାନ ପାଉ ।

**- Tom Keton**

# ସଦାପ୍ରଭୁଙ୍କ ହସ୍ତ
## (The Hand of God)

''ଦେଖ, ସଦାପ୍ରଭୁଙ୍କର ହସ୍ତ ଛୋଟ ହୋଇଯାଇନାହିଁ ଯେ, ତାହା ପରିତ୍ରାଣ କରିନପାରେ...........'' (ଯିଶାଇୟ ୫୯:୧)

ସଦାପ୍ରଭୁଙ୍କର ହସ୍ତ ବିଷୟରେ ଆମ୍ଭେମାନେ ଅନେକ ଥର ବାକ୍ୟରେ ପଢ଼ିବାକୁ ପାଇଥାଉ । ଯୀଶୁ କହିଲେ, ''ଈଶ୍ୱର ଆତ୍ମା'' ଅଟନ୍ତି । (ଯୋହନ ୪:୨୪, ତଥାପି ବାଇବଲରେ ଈଶ୍ୱରଙ୍କ ଚକ୍ଷୁ, କାନ, ମୁଖ, ହସ୍ତ, ପୃଷ୍ଠଦେଶ ବିଷୟରେ କୁହାଯାଇଅଛି । ''ସଦାପ୍ରଭୁଙ୍କ ହସ୍ତ'' ତାହାଙ୍କ କାର୍ଯ୍ୟ ଓ ଶକ୍ତିକୁ ବୁଝାଏ । ୧ମ ପିତର୫:୬ ପଦରେ ପିତର କହନ୍ତି, ''ଈଶ୍ୱରଙ୍କ ବଳବନ୍ତ ହସ୍ତ ତଳେ ଆପଣା ଆପଣାକୁ ନତ କର, ଯେପରି ସେ ତୁମ୍ଭମାନଙ୍କୁ ଯଥା ସମୟରେ ଉନ୍ନତ କରିବେ ।'' ସଦାପ୍ରଭୁଙ୍କ ହସ୍ତ ବଳବନ୍ତ, ଶକ୍ତିଯୁକ୍ତ ନିତ୍ୟସ୍ଥାୟୀ ଓ ସର୍ବବ୍ୟାପୀ ଅଟେ । ସଦାପ୍ରଭୁଙ୍କ ହସ୍ତଙ୍କ ଦ୍ୱାରା କୃତ କାର୍ଯ୍ୟସକଳ ବହୁଳ ଓ ବିଶ୍ୱବ୍ୟାପୀ ।

ବିଶ୍ୱର ସୃଷ୍ଟିରେ ସୃଷ୍ଟିକର୍ତ୍ତା ସଦାପ୍ରଭୁଙ୍କ ହସ୍ତର ପ୍ରଭାବ ଆମ୍ଭେମାନେ ଦେଖିଥାଉ ।

ଏହି ଆକାଶ, ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର, ତାହାଙ୍କ ହସ୍ତକୃତ କର୍ମ ଅଟେ । ଆମ୍ଭେମାନେ ଜୀବନଯାପନ କରୁଥିବା ଏହି ନାସ୍ତିକ ସଂସାର ସଦାପ୍ରଭୁଙ୍କ ହସ୍ତର ପ୍ରଭାବ ଅସ୍ୱୀକାର କରେ। ପୃଥିବୀର ଜୀବରାଶି, ଆକାଶର ପକ୍ଷୀ, ସମୁଦ୍ରର ପ୍ରାଣୀ ସକଳ କେଉଁଠାରୁ ଆଗତ ? ଆପଣ ଓ ମୁଁ କେଉଁଠାରୁ ଆସିଲୁ ? ଏହି ବିଶ୍ୱ କି ତାହାଙ୍କ ହସ୍ତକୃତ କର୍ମ ନୁହେଁ ? ଦାଉଦ କହନ୍ତି, ''ଆକାଶ ମଣ୍ଡଳ ପରମେଶ୍ୱରଙ୍କ ଗୌରବ ବର୍ଣ୍ଣନା କରେ, ଶୂନ୍ୟମଣ୍ଡଳ ତାହାଙ୍କ ହସ୍ତକୃତ କର୍ମ ପ୍ରକାଶ କରେ ।'' (ଗୀତ ୧୯:୧) ଏବ୍ରୀ ପୁସ୍ତକ କର୍ତ୍ତା କହନ୍ତି, ''ହେ ପ୍ରଭୁ, ତୁମ୍ଭେ ଆରମ୍ଭରେ ପୃଥିବୀର ଭିତ୍ତିମୂଳ ସ୍ଥାପନ କରିଅଛ, ପୁଣି ଆକାଶ ମଣ୍ଡ ହସ୍ତ ହସ୍ତକୃତ କର୍ମ ।'' (ଏବ୍ରୀ ୧:୧୦) ତାହାଙ୍କ ହସ୍ତକୃତ ସମସ୍ତ ବିଷୟ ତାହାଙ୍କ ଗୌରବ ପ୍ରକାଶ କରେ ।

ସଦାପ୍ରଭୁଙ୍କ ହସ୍ତ ପରିତ୍ରାଣର ହସ୍ତ । ପାପୀ ମନୁଷ୍ୟକୁ ପରମେଶ୍ୱରଙ୍କ ହସ୍ତ କିପରି ରକ୍ଷା କରେ, ବାଇବଲରେ ପଢ଼ିପାରୁ । ସଦାପ୍ରଭୁଙ୍କ ହସ୍ତକୃତ ମନୁଷ୍ୟ, ପାପରେ ପତିତ ହେଲା କିନ୍ତୁ କରୁଣାମୟୀ ସଦାପ୍ରଭୁ ମନୁଷ୍ୟର ପରିତ୍ରାଣରେ ସଦା ଇଚ୍ଛୁକ । କୌଣସି ମନୁଷ୍ୟ ବିନଷ୍ଟ ହେବା ସେ ଇଚ୍ଛା କରନ୍ତି ତାହା ନୁହେଁ, କିନ୍ତୁ ପରିତ୍ରାଣ କରିବାରେ ସକ୍ଷମ ଅଟନ୍ତି । ରୋମୀୟ ୧:୧୬ରେ ପାଉଲ, ସୁସମାଚାରର ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ ବୋଲି ପ୍ରକଟ କରନ୍ତି । ମନୁଷ୍ୟ ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ଈଶ୍ୱରଙ୍କ ବାକ୍ୟ ଶ୍ରବଣ କରି, ବିଶ୍ୱାସ କରି ଆଜ୍ଞାବହ ହେବା ଆବଶ୍ୟକ । ସଦାପ୍ରଭୁଙ୍କ ହସ୍ତ ବଳବନ୍ତ ଅଟେ । ତାହାଙ୍କ ବଳବନ୍ତ ହସ୍ତ ପତିତ ମନୁଷ୍ୟକୁ ଉଠାଇ, ପରିତ୍ରାଣ ରୂପ ପ୍ରସ୍ତର ଉପରେ ଉପସ୍ଥାପନ କରେ । ତାହାଙ୍କ ହସ୍ତ ଛୋଟ ହୋଇଯାଇନାହିଁ ଯେ, ତାହା ପରିତ୍ରାଣ ଦେଇନପାରେ । ଅବଶ୍ୟ ଏହି ପ୍ରକ୍ରିୟାରେ ମନୁଷ୍ୟର ସକ୍ରିୟ ହେବା ନିତାନ୍ତ ଆବଶ୍ୟକ । ପାପୀ ମନୁଷ୍ୟର ସ୍ୱଇଚ୍ଛା ବ୍ୟତୀତ ପରମେଶ୍ୱରଙ୍କ ହସ୍ତ ତାହାକୁ ରକ୍ଷା କରିପାରେ ନାହିଁ ।

ସଦାପ୍ରଭୁଙ୍କ ହସ୍ତ ପ୍ରତିଶୋଧର ହସ୍ତ । ଯେଉଁମାନେ ତାହାଙ୍କ ହସ୍ତତଳେ ଅବନତ ହୁଅନ୍ତି ସେମାନଙ୍କୁ ସେ ଆଶୀଷରେ ଭରି ଦିଅନ୍ତି, କିନ୍ତୁ ଯେଉଁମାନେ ତାହାଙ୍କ ହସ୍ତତଳେ ଆଶ୍ରୟ ନ ନିଅନ୍ତି, ସେମାନଙ୍କ ନିମନ୍ତେ ତାହାଙ୍କ ହସ୍ତ ପ୍ରତିଦଣ୍ଡର ହସ୍ତ ଅଟେ । ''ଆପଣା ଖଳା ଉତ୍ତମ ରୂପେ ପରିଷ୍କାର କରିବା ନିମନ୍ତେ ଓ ନିଜ ଅମାରରେ ଗହମ ସଂଗ୍ରହ କରିବା ନିମନ୍ତେ ତାହାଙ୍କ ହାତରେ କୁଲା ଅଛି, କିନ୍ତୁ ଅଗାଡ଼ିଯାକ ସେ ଅନିର୍ବାଣ ଅଗ୍ନିରେ ପୋଡ଼ି ପକାଇବେ ।'' (ଲୂକ ୩:୧୭) । ''ଜୀବିତ ଈଶ୍ୱରଙ୍କ ହସ୍ତରେ ପଡ଼ିବା ଭୟଙ୍କର ବିଷୟ'' (ଏବ୍ରୀ ୧୦:୩୧) । ଆସ ଆମ୍ଭେମାନେ ତାହାଙ୍କ ବଳବନ୍ତ ହସ୍ତ ତଳେ ଆପଣାକୁ ଅବନତ କରୁ, ଯେପରି ଆମ୍ଭମାନଙ୍କ ଜୀବନକାଳ ଶେଷରେ, ''ହେ ପିତା, ତୁମ୍ଭ ହସ୍ତରେ ମୁଁ ଆପଣାର ଆତ୍ମା ସମର୍ପଣ କରୁଅଛି'' ବୋଲି କହିପାରିବା ।

**- Roy BEASLEY**

# THE MOST DANGEROUS SIN

James 4:17

## *Introduction:*

1. The Bible repeatedly warns of the danger of neglect.
2. Many will be lost, not because of what they did, but because of what they failed to do.

## *Discussion :*

### I. Neglect is Dangerous because of its Deceptive Nature.

1. Murder, lying, drunkenness, adultery and stealing are great sins.
2. but we overlook the things that should be done.
3. The sins of commission are stressed but the sins of ommission are bypassed.

### II. Neglect is Dangerous because it Requires no Effort.

1. Energy is required to involve a person in the sins of Commission.
2. But it takes no effort to avoid doing things.
3. It takes no effort to avoid those in need, ignore teaching those about us, etc.,
4. It takes no effort to avoid helping the church.

### III. Neglect is Dangerous because it is at the Root of other Sins.

1. A cultivated field is free of weeds, but a neglected field is soon filled with weeds and thorns.
2. David's idleness led to adultery and murder.

### IV. Neglect is Dangerous because it is Contrary to the Spirit and purpose of the Gospel.

1. The law said "Thou shalt not".

2. The gospel says, "Thou shalt".
3. The aim of many is to be good but we must do good (Acts 10:38).

## V. Neglect is Dangerous because Negligent People will be lost.

1. Matt. 25:14-30.
2. To be lost just do nothing.

## ***Conclusion*** :

1. Arise and obey the Lord.
2. Tomorrow will be too late.

*–J.C. CHOATE*

From:
SATYA VANI
P.O. BOX 80,
KAKINADA - 533 001

Printed Book Only

To

(FOR PRIVATE CIRCULATION ONLY)